ଧରିତ୍ରୀ
DHARITRI

December 29, 2024 - January 04, 2025 ₹ 2/-

ଧରିତ୍ରୀ 51 Years

# ଛୁଟିଦିନ



## ନିଆରା ଏଠି ନୂଆବର୍ଷ

ନୂଆବର୍ଷକୁ ନେଇ ସମସ୍ତଙ୍କ ଭିତରେ ଭରି ରହିଥାଏ ଉତ୍ସାହ ଓ ଉଦ୍ଦୀପନା । ସେଇଥିପାଇଁ ତ ସାରା ବିଶ୍ୱରେ ଏହାକୁ ସମସ୍ତେ ବେଶ୍ ଉଲ୍ଲାସର ସହ ପାଳନ କରିଥାନ୍ତି। ତେବେ କିଛି ଦେଶରେ ନୂଆବର୍ଷ ପାଳନକୁ ନେଇ ରହିଛି ଅନେକ ଅଜବ ବିଶ୍ୱାସ ଓ ପରମ୍ପରା; ଯାହା ନିଆରା ହେବା ସହ ବେଶ୍ ଆଶ୍ଚର୍ଯ୍ୟକର ବି...

ପ୍ରଚ୍ଛଦ ପ୍ରସଙ୍ଗ ୩

# ନୂଆବର୍ଷ କେମିତି ହେବ ସୁଖମୟ

ନୂତନବର୍ଷ କିପରି ମଙ୍ଗଳମୟ ହେବ ସେଥିପାଇଁ ସଭିଙ୍କ ମନରେ ରହିଥାଏ ବହୁ ଆଶା ଓ ଆକାଂକ୍ଷା। ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, କ'ଣ ସବୁ କଲେ ନୂଆବର୍ଷ ସୁଖମୟ ହେବ, ଜାଣନ୍ତୁ ସେ ସମ୍ପର୍କରେ...

*ଭଗବାନ ଗଣେଶଙ୍କୁ ବିଘ୍ନନାଶକ ବୋଲି କୁହାଯାଇଥାଏ। ତେଣୁ ନୂଆବର୍ଷ ଅବସରରେ ଘରକୁ ପ୍ରଭୁ ଗଣେଶଙ୍କର ନୂତନ ମୂର୍ତ୍ତୀଟିଏ ଆଣି ପୂଜାର୍ଚ୍ଚନା କଲେ ବର୍ଷସାରା ଗୃହରେ ସୁଖଶାନ୍ତି ବଜାୟ ରହିଥାଏ ବୋଲି ବିଶ୍ୱାସ ରହିଛି।

*ନଡ଼ିଆକୁ ଶ୍ରୀଫଳ ବୋଲି କୁହାଯାଇଥାଏ। ତେଣୁ ନଡ଼ିଆ ଭାଙ୍ଗି ନୂତନ ବର୍ଷକୁ ସ୍ୱାଗତ କଲେ ସବୁକିଛି ଶୁଭ ହୋଇଥାଏ ବୋଲି ବିଶ୍ୱାସ କରାଯାଇଥାଏ।



*ଘରେ ଟଙ୍କାପଇସାର ଅଭାବ ଦେଖାଯାଉଥିଲେ, ନୂଆବର୍ଷ ଦିନ ଘରକୁ ମୟୂରପୁଚ୍ଛଟିଏ କିଣିଆଣନ୍ତୁ। କିଣିଲାବେଳେ ଶ୍ରୀ କୃଷ୍ଣଙ୍କର ନାମ ନେଇ ମୟୂରପୁଚ୍ଛ କିଣିଲେ ଘରେ ଧନର ଅଭାବ ରହେନାହିଁ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

*ଲାଫିଙ୍ଗ୍ ବୁଦ୍ଧଙ୍କୁ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ। କିନ୍ତୁ ଏହାକୁ ନିଜେ ନ କିଣି ଯଦି ନୂଆବର୍ଷ ଅବସରରେ କାହାଠାରୁ ଉପହାର ଆକାରରେ ପାଇଲେ ତା'ହେଲେ ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ।

*ନୂଆବର୍ଷରେ ପ୍ରଭୁ ହନୁମାନଙ୍କର ପ୍ରତୀମା ଆଣି ଘରର ମୁଖ୍ୟଦ୍ୱାର ନିକଟରେ ସ୍ଥାପନା କଲେ, ଘର ମଧ୍ୟକୁ କୌଣସି ନକରାତ୍ମକ ଶକ୍ତି ପ୍ରବେଶ କରି ନଥାଏ। ପ୍ରଭୁ ସଙ୍କଟମୋଚନ ଘର ପ୍ରତି ଆସୁଥିବା ସବୁ ବିପଦକୁ ଖଣ୍ଡନ କରି ଦେଇଥାନ୍ତି।

* ନୂଆବର୍ଷରେ ଘରେ ମନିପ୍ଲାଣ୍ଟ କିମ୍ବା ବାମ୍ବୋପ୍ଲାଣ୍ଟ ଗଛ ଲଗାଇବା ଶୁଭଫଳ ଦେଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୨୯, ୨୦୨୪- ଜାନୁଆରୀ ୪, ୨୦୨୫

**ମେଷ**

ସ୍ୱାସ୍ଥ୍ୟ ଭଲ ରହିବ, ଋଣ ପରିଶୋଧ କରିବେ, ନୂଆ ଯୋଜନା କରିପାରନ୍ତି, ସହକର୍ମୀଙ୍କ ସହ ମତାନ୍ତର, କ୍ଳାନ୍ତିବୋଧ କରିବେ, ବ୍ୟବସାୟିକ ସମସ୍ୟା, ନୂତନ ସମ୍ପର୍କ ସୃଷ୍ଟି, ଧର୍ମକାର୍ଯ୍ୟ ପ୍ରତି ଆଗ୍ରହ ॥

**ବୃଷ**

ଶୁଭ ଖବର ପାଇବେ, ମୂଲ୍ୟବାନ ଦ୍ରବ୍ୟ କିଣିପାରନ୍ତି, ପଡୋଶୀଙ୍କ କୁତ୍ସାରଟନା, ବ୍ୟସ୍ତତା ବୃଦ୍ଧି ପାଇବ, ଅପରିଚିତଙ୍କ ସହ କଳହ, ବକେୟା ପାଇ ଖୁସି ହେବେ, ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି, ପରିବହନରେ ଝଗଡା, ସଭାସମିତିକୁ ନିମନ୍ତ୍ରଣ ॥

**ମିଥୁନ**

ଯାତ୍ରାରେ ଲକ୍ଷ୍ୟପୂରଣ, ସ୍ଥଗିତ କାମର ପୁନଃଆରମ୍ଭ, ଆର୍ଥିକ ଦୂରବସ୍ଥାରୁ ଦୁଃଶ୍ଚିନ୍ତା, ବନ୍ଧୁଙ୍କ ସହାୟତା ପ୍ରାପ୍ତି, ଦ୍ରବ୍ୟନଷ୍ଟର ଆଶଙ୍କା, ମନ ଅସ୍ଥିର ରହିବ, ଅର୍ଥଲାଭ ଅବଶ୍ୟମ୍ଭାବୀ, ଅନ୍ୟମନସ୍କତାରୁ ସମସ୍ୟା, ଭୁଲ୍ କରିପାରନ୍ତି, ଅପବାଦ ଲାଗିପାରେ ॥

**କର୍କଟ**

ମନ ଭାରାକ୍ରାନ୍ତ ରହିବ, ଅତୀତ ଘଟଣାର ସମୀକ୍ଷା, ବନ୍ଧୁଙ୍କ ଅନୁରକ୍ତି ପ୍ରକାଶ, ଅସଂଯତ କାର୍ଯ୍ୟରୁ ସମସ୍ୟା, ଅନୁତାପ କରିପାରନ୍ତି, ଅଭାବ ମେଣ୍ଟିଯିବ, ବ୍ୟବସାୟରେ କ୍ଷତି, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି ॥

**ସିଂହ**

ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି, ନୂତନ ପ୍ରକଳ୍ପାରମ୍ଭ, ସାଂସ୍କୃତିକ କାର୍ଯ୍ୟାରମ୍ଭ, ଅନ୍ୟାୟ ବିରୋଧରେ ସ୍ୱରତ୍ତୋଳନ, ସହଯୋଗ ପାଇବେନି, ଜିଦ୍ କଲେ କଷ୍ଟ ଭୋଗିବେ, ଶିଳ୍ପ ବାଣିଜ୍ୟରେ ଉନ୍ନତି ॥

**କନ୍ୟା**

ଆନୁଷ୍ଠାନିକ କର୍ମାରମ୍ଭ, ଅର୍ଥସଂକଟ ଟଳିଯିବ, ଗୃହପୋକରଣ କିଣିବେ, ପରିବାରରୁ ସହଯୋଗ, କର୍ମକ୍ଷେତ୍ରରେ ପ୍ରଶଂସା, ବନ୍ଧୁଙ୍କୁ ଭେଟିପାରନ୍ତି, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ, ବ୍ୟବସାୟିକ ଉତ୍କର୍ଷତା, କଳାପ୍ରିୟ ହେବେ, ନୂତନ ନିଯୁକ୍ତି ମିଳିବ, ଧର୍ମକାର୍ଯ୍ୟରେ ସହଯୋଗ ॥

**ତୁଳା**

ଶାରୀରିକ ସୁସ୍ଥତା ବୃଦ୍ଧି, ବନ୍ଧୁ ସମ୍ପର୍କରେ ଉନ୍ନତି, ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ, ଭ୍ରମଣ ସୁଯୋଗ ଜୁଟିବ, ଅତିଥି ଚର୍ଚ୍ଚାରୁ ଆନନ୍ଦ, ଅନ୍ୟମନସ୍କ ରହିପାରନ୍ତି, ଉପରିସ୍ଥଙ୍କ ତାଗିଦ୍, ସାହିତ୍ୟ ଚର୍ଚ୍ଚାରୁ ପ୍ରଶଂସା, କ୍ରୀଡା ଚଳଚ୍ଚିତ୍ରରେ ବିବାଦ ॥

**ବିଛା**

ଅଭିଳାଷ ପୂରଣ ହେବ, ବକେୟା ଅର୍ଥ ପାଇବେ, ଅପ୍ରିୟଭାଷଣରୁ କଳହ, ପଡୋଶୀଙ୍କ ଅପପ୍ରଚାର, ଯାନବାହନରେ ତ୍ରୁଟି, ଗୋପନୀୟତା ପ୍ରକାଶ ପାଇବ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ରାଜନୀତିରେ ନେତୃତ୍ୱ ଲାଭ, ପ୍ରତିକୂଳତା ଦୂରହେବ ॥

**ଧନୁ**

କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି, ଉପହସିତ ହୋଇପାରନ୍ତି, ସ୍ୱଜନଙ୍କ ମିଥ୍ୟାଭିଯୋଗ, ଶାରୀରିକ ଦୁର୍ବଳତା, ଧାରକରଜ କରିପାରନ୍ତି, ଭ୍ରାତୃସମ୍ପର୍କରେ ନ୍ୟୁନତା, ସନ୍ତାନଙ୍କ କୃତି, ସତ୍‌ସଙ୍ଗର ସୁଯୋଗ, ଅପହୃତ ଜିନିଷ ପ୍ରାପ୍ତି, ଭ୍ରମଣର ସୁଯୋଗ ॥

**ମକର**

ସ୍ୱାସ୍ଥ୍ୟ ଭଲ ରହିବ, ମିତ୍ରତା ସୃଷ୍ଟି କରିପାରନ୍ତି, ମିଥ୍ୟାଭିଯୋଗ ଆସିପାରେ, ମାନସିକ ସ୍ଥିତି ବିଗିଡିବ, ସ୍ଥଗିତ କାମ କରିବେ, ମକଦ୍ଦମାରେ ଅନୁକୂଳ ସ୍ଥିତି, ଲୋକ ସମ୍ପର୍କ ବଢ଼ିବ, ଅନ୍ୟମନସ୍କ ରହିପାରନ୍ତି, ବ୍ୟବସାୟିକ ସଫଳତା, ଦୂରଯାତ୍ରାର ଯୋଜନା ॥

**କୁମ୍ଭ**

ଆରୋଗ୍ୟ ଲାଭ କରିବେ, ବନ୍ଧୁଙ୍କ ସହାନୁଭୂତି, ସହକର୍ମୀମାନଙ୍କ ଅସହଯୋଗ, ବନ୍ଧୁଙ୍କୁ ସାହାଯ୍ୟ ମାଗିବେ, ପରିସ୍ଥିତିର ମୁକାବିଲା, ଭ୍ରମଣ ସୁଯୋଗ ପାଇବେ, ଠକାମିରେ ପଡିପାରନ୍ତି, ପରିବହନରେ ବିବାଦ, ଆନୁଷ୍ଠାନିକ କର୍ମାରମ୍ଭ ॥

**ମୀନ**

ନୂତନ ଯୋଜନାରମ୍ଭ, ଆର୍ଥିକ ଅନଟନ, ମିଥ୍ୟାଗୁଜବରୁ ଅସ୍ଥିରତା, ପାରିବାରିକ ସଦ୍‌ଭାବ, ଲେଖାପଢାରେ ରୁଚି, ରାଜନୀତିରେ ନେତୃତ୍ୱ, ମାନସିକ ଆଘାତ ପାଇବେ, ବିବାଦଗ୍ରସ୍ତ ହୋଇପାରନ୍ତି, ସଙ୍ଗଦୋଷରୁ ସମାଲୋଚନା ॥

# ଆତ୍ମବିଶ୍ୱାସ ବଢାଇବେ କିପରି...

ଆତ୍ମବିଶ୍ୱାସ ମଣିଷଙ୍କୁ ଭିତରୁ ଦୃଢ କରେ। ଯେ କୌଣସି ସମସ୍ୟା ଆସୁନା କାହିଁକି, ତାହାକୁ ସାହାସର ସହ ସାମ୍ନା କରିବାକୁ ଏହା ଆମକୁ ପ୍ରେରଣା ଦିଏ। ସେଥିପାଇଁ କୁହାଯାଏ, ଯାହାର ଆତ୍ମବିଶ୍ୱାସ ଯେତେ ଦୃଢ ତାଙ୍କୁ ସଫଳତା ସେତେ ଶୀଘ୍ର ମିଳେ। ଏହି ଆତ୍ମବିଶ୍ୱାସକୁ ବଢାଇବା କ୍ଷେତ୍ରରେ କିଛି ଖାସ୍ କଥାର ମଧ୍ୟ ଅନେକ ଭୂମିକା ରହିଛି। ଯେମିତିକି:



*ସୂର୍ଯ୍ୟୋଦୟ ସମୟରେ ପୂର୍ବ ଦିଗକୁ ମୁହଁ କରି ଧଳା ହେଉ ଅବା ନାଲି ରଙ୍ଗର ଆସନରେ ବସି ପ୍ରାଣାୟାମ କଲେ ବ୍ୟକ୍ତିଙ୍କର ଆତ୍ମବିଶ୍ୱାସ କୁଆଡ଼େ ତୀବ୍ରତର ହୋଇଥାଏ।

* ସେହିପରି କୁହାଯାଏ, କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଘରୁ ବାହାରିବା ସମୟରେ ଘରର କୌଣସି ବିବାହିତା ସ୍ତ୍ରୀ ହୁଅନ୍ତୁ କିମ୍ବା କୁମାରୀ କନ୍ୟାଙ୍କର ସୁନ୍ଦର ହସହସ ମୁହଁକୁ ଦେଖିଯିବା ବି ଅନେକାଂଶରେ ସଫଳତା ଦେଇଥାଏ। କାରଣ ସେମାନଙ୍କର ହସହସ ମୁହଁ ମନକୁ ପ୍ରଫୁଲ୍ଲିତ ରଖିବା ସହ କାମ କରିବାକୁ ଆଗ୍ରହ ପ୍ରଦାନ କରିଥାଏ। * ଅନ୍ୟପକ୍ଷେ ହନୁମାନ ଚାଳିସା ହେଉ ଅବା ଦୁର୍ଗା ସପ୍ତଶତୀ ମନ୍ତ୍ର କିମ୍ବା ମହାମୃତ୍ୟୁଞ୍ଜୟ ମନ୍ତ୍ରକୁ ପ୍ରତିଦିନ ଜପ କଲେ ମନକୁ ଶାନ୍ତି ମିଳିବା ସହ ଆତ୍ମବିଶ୍ୱାସ ଦୃଢ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

# ପାଠକୀୟ

* ୧୯୭୧ ମସିହା ଡିସେମ୍ବର ୧୬ ତାରିଖ। ପାକିସ୍ତାନୀ ସେନାର ଆତ୍ମସମର୍ପଣ ସହ ୧୩ ଦିନ ଯାଏ ଚାଲିଥିବା ଭାରତ-ପାକ୍ ଯୁଦ୍ଧର ଘଟିଥିଲା ଅବସାନ। ପାକିସ୍ତାନ କବଳରୁ ପୂର୍ବ ବେଙ୍ଗଲ ବା ପୂର୍ବ ପାକିସ୍ତାନ ହେଲା ମୁକ୍ତ। ଏସବୁ ସମ୍ଭବ ହୋଇପାରିଥିଲା ଭାରତର କେତେଜଣ ମହାନାୟକଙ୍କ ନେତୃତ୍ୱ ଓ ସାହାସ ପାଇଁ। ସେହି ବୀରପୁତ୍ରମାନଙ୍କର କଥାକୁ ନେଇ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବିଜୟ ଦିବସର ମହାନାୟକ'ଟି ବେଶ୍ ମନଛୁଆଁ ହୋଇଥିଲା। 'ଆଲମାରିକୁ ନେଇ ବାସ୍ତୁ ଟିପ୍ସ', 'ଗୁଣକାରୀ ତୁଳସୀ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସିପୁନ୍ ସ୍ୱାଇଁ, ମାଲକାନାଗିରି*

*'ବିଜୟ ଦିବସର ମହାନାୟକ' ପ୍ରଚ୍ଛଦ ପ୍ରସଙ୍ଗଟି ଯେତିକି ତଥ୍ୟପୂର୍ଣ୍ଣ ଥିଲା ସେତିକି ହୃଦୟସ୍ପର୍ଶୀ ବି ହୋଇଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସାହିତ୍ୟିକ ଲକ୍ଷ୍ମୀଧର ଜେନାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଜୀବନ ପାତ୍ର ମୋ...' ଶୀର୍ଷକ ଗପ ଏବଂ 'ଜୀବନ' ଓ 'କେହି ଜଣେ' ଶୀର୍ଷକ କବିତାଦୁଇଟି ବେଶ୍ ମନଛୁଆଁ ଥିଲା।

*– ରୁପଶ୍ରୀ ମହାପାତ୍ର, ସୁନ୍ଦରଗଡ଼*

* ସିନେମା ପୃଷ୍ଠାଟି ଆକର୍ଷଣୀୟ ଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ଆଶା ରଖିଛନ୍ତି ଶ୍ରଦ୍ଧା', 'ଅନୁତାପ କରୁଛନ୍ତି ଜାହ୍ନବୀ', 'ଶାହୀଦଙ୍କ ପ୍ରଶଂସାରେ ପୂଜା', 'ଭୁଲିଯାଆନ୍ତି ଅଜୟ' ଆଦି ପାଠଗୁଡ଼ିକ ବେଶ୍ ମଜାଦାର୍ ଥିଲା। ସାହିତ୍ୟିକ ତଥା ଦୂରଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ. ଭାରତ ଭୂଷଣ ରଥଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ହୋଇଥିଲା।

*– ସୁଚରିତା ମହାନ୍ତି, ଖୋର୍ଦ୍ଧା*

* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ଶ୍ରଗ୍ ଫ୍ୟାଶନ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ଅଭିଜିତ୍ ଖୁବ୍ ସୁନ୍ଦର ଦେଖାଯାଉଥିଲେ। ସହର ପୃଷ୍ଠାରୁ ବାଲଟାଲ ସମ୍ପର୍କରେ ବହୁ ନୂଆ ନୂଆ କଥା ଜାଣିହେଲା।

*– ଧିରେନ୍ ପ୍ରଧାନ, ସାକ୍ଷୀଗୋପାଳ*

* ବିବିଧା ପୃଷ୍ଠାରୁ 'ଶୀତଦିନେ ପ୍ରଦୂଷଣ ବଢେ କାହିଁକି' ପାଠ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରୁ 'ଆଳୁ ତନ୍ତ୍ର' ପାଠ ସମ୍ପର୍କରେ ପଢି ବେଶ୍ ଖୁସି ଲାଗିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଦାନ୍ତକୁ କଳା କରିବାର ପ୍ରଥା', 'ଟ୍ୟାଙ୍କ ଲାଇବ୍ରେରୀ', 'ଟ୍ରାନ୍ସପରେଣ୍ଟ ଟଏଲେଟ୍' ଆଦି ପାଠଗୁଡ଼ିକ ଯେମିତି ତଥ୍ୟପୂର୍ଣ୍ଣ ଥିଲା, ପଢିବାକୁ ସେମିତି ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ନିରୂପମା ସାହୁ, ଭଦ୍ରକ*




## ବିଶେଷ ଚିଠି

ବିଜୟ ଦିବସର ମହାନାୟକ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ତଥ୍ୟପୂର୍ଣ୍ଣ ହେବା ସହ ଦେଉଥିଲା
ନୂଆନୂଆ ସମ୍ବାଦ।
ତା'ସାଙ୍ଗକୁ ପୁଣି ଥିଲା
ସହର, ସାଥୀ ଓ ସିନେମା
ମନ କିଣି ନେଉଥିଲା ପୁଣି
ତୁମ ବିବିଧାର ଦୁନିଆ।
ସତରେ ହେ ଛୁଟିଦିନ
ତୁମ ଷୋହଳ ପୃଷ୍ଠା ଲାଗେ
ସବୁଠୁ ନିଆରା
ସବୁଠୁ ଉତ୍ତମ।

*– ମୁକେଶ ନାୟକ, କଟକ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ନିଆରା ଏଠି ନୂଆବର୍ଷ





**ନୂଆବର୍ଷକୁ ନେଇ ସମସ୍ତଙ୍କ ଭିତରେ ଉତ୍ସାହ, ଉଦ୍ଦୀପନା ରହିଥାଏ । ଯେଉଁଥିପାଇଁ ସାରା ବିଶ୍ୱରେ ଏହାକୁ ନେଇ ଅପେକ୍ଷା ରହିବା ସହ ସମସ୍ତେ ବେଶ୍ ଉଲ୍ଲାସର ସହ ପାଳନ କରିଥାନ୍ତି । ତେବେ କିଛି ଦେଶରେ ନୂଆବର୍ଷ ପାଳନକୁ ନେଇ ଅନେକ ଅଜବ ବିଶ୍ୱାସ ଓ ପରମ୍ପରା ରହିଛି ; ଯାହା ନିଆରା ହେବା ସହ ଆଶ୍ଚର୍ଯ୍ୟକର ବି ଲାଗିଥାଏ...**

**✲ ରାତି ୧୨ଟାରେ ୧୨ଟି ଅଙ୍ଗୁର ଖାଇଥାନ୍ତି:** ବେଲ୍ ଥିବା ଘଣ୍ଟାରେ ଠିକ୍ ୧ଟା ବାଜିଲେ ଏହା ଥରେ ଟିଂ ଶବ୍ଦ କରିଥାଏ, ୨ଟା ବାଜିଲେ ୨ଥର ଟିଂ ଟିଂ ହୁଏ, ୩ଟାରେ ୩ଥର ଏମିତି କରି ଘଣ୍ଟାରେ ସମାନ ୧୨ଟା ବାଜିଲେ ଏହା ୧୨ଥର ଟିଂ ଟିଂ କରିଥାଏ । ତେବେ ଘଣ୍ଟାର ଏହି ଟିଂ ଟିଂ ଶବ୍ଦ ସହିତ ନୂଆବର୍ଷକୁ ନେଇ ସ୍ପେନ୍‌ରେ ଏକ ନିଆରା ପରମ୍ପରା ରହିଛି। ତଥ୍ୟ ଅନୁଯାୟୀ, ପ୍ରତିବର୍ଷ ଡିସେମ୍ବର ୩୧ ତାରିଖ ରାତିରେ ସ୍ପେନ୍‌ବାସୀ ନୂଆବର୍ଷକୁ ସ୍ୱାଗତ କରିବାକୁ ଚାତକ ପରି ଚାହିଁ ରହିଥାନ୍ତି। ଘଣ୍ଟାରେ ଠିକ୍ ୧୨ଟା ବାଜିବା ମାତ୍ରେ ଯେତେବେଳେ ପ୍ରଥମ କରି ଘଣ୍ଟାର ଟିଂ ଶବ୍ଦ ଶୁଭାଯାଏ, ସେମାନେ ଅଙ୍ଗୁର ଖାଇବା ଆରମ୍ଭ କରନ୍ତି। ୧୨ଟାରେ ୧୨ଥର ଟିଂ ଟିଂ ଶବ୍ଦ ହେବ । ଆଉ ପ୍ରତି ଟିଂ ଟିଂ ଶବ୍ଦରେ ଗୋଟାଏ ଲେଖାଏ ଅଙ୍ଗୁର କରି ସେମାନେ ସମୁଦାୟ ୧୨ଟି ଅଙ୍ଗୁର ଖାଇଥାନ୍ତି। ଏହି ୧୨ଟି ଅଙ୍ଗୁରକୁ ସେମାନେ ବର୍ଷର ବାରମାସ ସହ ତୁଳନା କରିଥାନ୍ତି। ଅର୍ଥାତ୍ ସେଠାକାର ଯେଉଁ ବ୍ୟକ୍ତି ଘଣ୍ଟାର ୧୨ଥର ଟିଂ ଟିଂ ଶବ୍ଦ ଭିତରେ ୧୨ଟି ଅଙ୍ଗୁର ଖାଇଦେଇଥାନ୍ତି, ତାଙ୍କର ନୂଆବର୍ଷର ପ୍ରତିମାସ ବେଶ୍ ଭଲରେ ବିତିଥାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି।

**✲ ଖାଲି ସୁଟ୍‌କେସ ଧରି ବୁଲନ୍ତି:** କଲମ୍ବିଆବାସୀ ବୁଲାବୁଲି କରିବାକୁ ଖୁବ୍ ଭଲ ପାଇଥାନ୍ତି। ସେଥିପାଇଁ ଡିସେମ୍ବର ୩୧ ତାରିଖ ରାତିରେ ଅନେକଙ୍କ ହାତରେ ସୁଟ୍‌କେସ ଥିବାର ଦେଖିବାକୁ ମିଳେ । ଆଉ ସେହି ସୁଟ୍‌କେସ ବି ସମ୍ପୂର୍ଣ୍ଣ ଖାଲି ଥାଏ । ଠିକ୍ ରାତି ୧୨ଟା ବାଜିବା ମାତ୍ରେ ସେମାନେ ସେହି ସୁଟ୍‌କେସ ଧରି ଗଳିକନ୍ଦି ବୁଲିବାକୁ ଲାଗନ୍ତି। ସେମାନଙ୍କର ବିଶ୍ୱାସ ରହିଛି ଯେ, ନୂଆବର୍ଷ ଅବସରରେ ଏପରି କଲେ କୁଆଡେ ବର୍ଷସାରା ସେମାନଙ୍କୁ ନୂଆ ନୂଆ ସ୍ଥାନ ବୁଲି ଯିବାର ସୁଯୋଗ ମିଳିଥାଏ ।

**✲ ଟିଣ ଧାତୁର ଆକାରକୁ ନେଇ ଭାଗ୍ୟ ନିରୂପଣ:** ଫିନ୍‌ଲାଣ୍ଡର କିଛି ସ୍ଥାନରେ ନୂଆବର୍ଷ ଅବସରରେ ଟିଣ ଧାତୁକୁ ତରଳାଇ, ତାହାକୁ ପାଣି ଭର୍ତ୍ତି ପାତ୍ରରେ ଢାଳି କିଛି ସମୟ ପାଇଁ ଛାଡି ଦିଆଯାଏ । ପରେ ଉକ୍ତ ଧାତୁଟି କଠିନ ହୋଇ ଯେଉଁ ଆକାର ଧାରଣ କରିଥାଏ ସେହି ଅନୁସାରେ ନୂତନ ବର୍ଷର ରୂପରେଖ କ'ଣ ହେବ ତାହା ନିରୂପଣ କରାଯାଏ । ଯଦି ଏହା ଆଙ୍ଗୁଠି ଭଳି ଆକାର ଧାରଣ କରେ, ତାହା ବାହାଘରର ସଙ୍କେତ ଦେଇଥାଏ । ସେହିପରି ଡଙ୍ଗା କିମ୍ବା ଜାହାଜ ଆକାରର ଦେଖାଗଲେ ଭ୍ରମଣ, ଘୁଷୁରି ଆକାର ହେଲେ ଉତ୍ତମ ଭୋଜନ, ଗୋଲାକୃତି ଦେଖାଗଲେ ଅର୍ଥପ୍ରାପ୍ତି, ଚାବିର ଆକୃତି ହେଲେ ବ୍ୟବସାୟରେ ଉନ୍ନତି ଆଦିର ସଙ୍କେତ ଦେଇଥାଏ ।

**✲ ଗୋଲାକାର ଫଳ ଖାଇବା ପରମ୍ପରା:** ନୂଆବର୍ଷଟି କେମିତି ସମୃଦ୍ଧିର ବର୍ଷ ହେବ ; ସେଥିପାଇଁ ଫିଲିପାଇନ୍ସର କେତେକ ସ୍ଥାନରେ ଲୋକମାନେ ଡିସେମ୍ବର ୩୧ ତାରିଖ ରାତ୍ରିଭୋଜନରେ ୧୨ ପ୍ରକାରର ଗୋଲାକାର ଫଳ ଖାଇବାକୁ ପସନ୍ଦ କରିଥାନ୍ତି । ଆଉ କେହି କେହି ତ ନୂଆବର୍ଷ ଅବସରରେ ପୋଲ୍‌କା ଡଟ୍ ପ୍ରିଣ୍ଟ ଥିବା ପୋଷାକ ପିନ୍ଧିବା ସହ ପକେଟ୍‌ରେ କିଛି କଏନ୍ ବି ରଖିଥାନ୍ତି। କାରଣ ଗୋଲାକୃତିକୁ ସେମାନେ କଏନ୍ ଆକୃତି ବୋଲି ମାନିଥାନ୍ତି ; ଯାହାକି ସେମାନଙ୍କ ପାଇଁ ସୌଭାଗ୍ୟ ଆଣିଥାଏ ।

**✲ ୧୦୮ଥର ଘଣ୍ଟି ବଜାଇଥାନ୍ତି :** ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଜାପାନରେ ଥିବା ବୌଦ୍ଧ ମଠଗୁଡ଼ିକରେ ଡିସେମ୍ବର ୩୧ ତାରିଖ ରାତିରେ ବୌଦ୍ଧଧର୍ମାବଲମ୍ବୀଙ୍କର ବେଶ୍ ଗହଳି ଦେଖିବାକୁ ମିଳିଥାଏ । କାରଣ ରାତି ୧୨ଟା ବାଜିବା ପୂର୍ବରୁ ଉକ୍ତ ମଠଗୁଡ଼ିକରେ ଲାଗିଥିବା ଏକ ବଡ଼ ଘଣ୍ଟିକୁ ୧୦୭ ଥର ବଜାଯାଇଥାଏ । ଆଉ ଠିକ୍ ରାତି ୧୨ଟା ବାଜିବା ମାତ୍ରେ ଆଉ ଥରେ ଘଣ୍ଟି ବଜାଇ ୧୦୮ଥର ଘଣ୍ଟି ବଜାଇବା ପରମ୍ପରାକୁ ପୂର୍ଣ୍ଣ କରାଯାଇଥାଏ। ସେମାନଙ୍କର ବିଶ୍ୱାସ ରହିଛି ଯେ, ମଣିଷ ପ୍ରାୟ ୧୦୮ଟି ସାଂସାରିକ ଇଚ୍ଛା ଦ୍ୱାରା ବାନ୍ଧି ହୋଇ ରହିଥାଏ ; ଯାହାକୁ ପୂରଣ କରିବାକୁ ଯାଇ ସେ କ୍ରୋଧ, ମୋହ, ରାଗ, ହିଂସାର ଶିକାର ହୁଏ। କିନ୍ତୁ ଏହି ଆଧ୍ୟାତ୍ମିକ ଘଣ୍ଟିର ଶବ୍ଦ ତାଙ୍କ କାନରେ ବାଜିଲେ ତାଙ୍କୁ ମାନସିକ ଶାନ୍ତି ମିଳିବା ସହ ସେମାନଙ୍କ ଜୀବନ ସୁଖମୟ ହୋଇଥାଏ ।

କେବଳ ଏତିକି ନୁହେଁ, ଏମିତି ଆହୁରି ଅନେକ ଅଜବ ପରମ୍ପରା ଓ ବିଶ୍ୱାସ ବି ରହିଛି; ଯାହାକୁ ଖାସ୍ ଏହି ନୂଆବର୍ଷ ଅବସରରେ ବିଭିନ୍ନ ସ୍ଥାନରେ ପାଳନ କରାଯାଇଥାଏ ।















# ଫୁଲ ଉପହାର

**ନୂଆବର୍ଷ ଭରିଦିଏ ସମସ୍ତଙ୍କ ଭିତରେ ଅଫୁରନ୍ତ ଖୁସି । ସେଇ ଖୁସିକୁ ବାଣ୍ଟିବା ଲାଗି କିଏ ଆତସବାଜି କରନ୍ତି ତ କିଏ ଭୋଜିଭାତ କରନ୍ତି । କିଏ ପୁଣି କାର୍ଡ ଦିଅନ୍ତି । ଆଉ କେହି କେହି ପ୍ରିୟଜନଙ୍କୁ ଉପହାର ବି ଦିଅନ୍ତି । ଉପହାର ଭିତରେ ଫୁଲ ଉପହାରର ମହତ୍ତ୍ୱ କିଛି ଖାସ୍ । ଆଉ ଯଦି ଏହି ଫୁଲ ଉପହାର ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ଓ ରାଶିକୁ ଚାହିଁ ଦିଆଯାଏ, ତେବେ ତ ନୂଆବର୍ଷ ହୋଇଯିବ ଆହୁରି ଅଧିକ ଖାସ୍...**

**ଡେଜି ଫୁଲ:** ଦେଖିବାକୁ ଖୁବ୍ ସୁନ୍ଦର ଏହି ଫୁଲ । ଏହା ଭିନ୍ନ ଭିନ୍ନ ରଙ୍ଗରେ ଉପଲବ୍ଧ ହୁଏ । ଏହା ଏକ ନୂଆ ଆରମ୍ଭର ବି ପ୍ରତୀକ । ତେଣୁ ନିଜ ପ୍ରିୟ ମଣିଷଙ୍କୁ ଏହି ଫୁଲ ଦେଇପାରିବେ । ତା'ସହ ଏହି ଫୁଲକୁ ପବିତ୍ରତା ଓ ପ୍ରକୃତ ପ୍ରେମର ପ୍ରତୀକ ଭାବେ ମଧ୍ୟ ଧରାଯାଏ । ବୃଷ ରାଶିର ଲୋକେ ବି ଟିକେ ପ୍ରେମିକ । ତେଣୁ ଏହି ରାଶିର ବ୍ୟକ୍ତିଙ୍କୁ ଏହି ଫୁଲ ଉପହାରସ୍ୱରୂପ ଦେଇପାରିବେ । ଫୁଲକୁ ନିଜର ଖାସ୍ ଲୋକଙ୍କୁ ଦେବାବେଳେ ଏକ ସୁନ୍ଦର ନୋଟ୍ ଲେଖି ଦେଇପାରିବେ । କନ୍ୟା ରାଶିର ବ୍ୟକ୍ତିଙ୍କ ପାଇଁ ବି ଏହା ଭଲ ।

**ଗୋଲାପ:** ଗୋଲାପ ନିଜର ସୁନ୍ଦର କୋମଳ ପାଖୁଡା ସହ କଣ୍ଟାକୁ ସନ୍ତୁଳନ ରକ୍ଷାକରି ରହେ । ତୁଳା ରାଶିର ଲୋକଙ୍କୁ ବି ସେମିତି ସନ୍ତୁଳନ ପସନ୍ଦ । ତେଣୁ ଗୋଲାପ ଫୁଲ ଏହି ରାଶିର ଲୋକଙ୍କୁ ଦେଇପାରିବେ । ବିଭିନ୍ନ ରଙ୍ଗର ଗୋଲାପ ଭିତରେ ହଳଦିଆ ଗୋଲାପକୁ ବନ୍ଧୁତାର ପ୍ରତୀକ ଭାବେ ବିବେଚନା କରାଯାଏ । ଯଦି ଏହି ଫୁଲର ଏକ ବୁକେ ନିଜର ଖାସ୍ ବନ୍ଧୁଙ୍କୁ ଦିଅନ୍ତି ତେବେ ତାହା ଦର୍ଶାଇବ ଯେ, ଆପଣଙ୍କ ପାଇଁ ତାଙ୍କର ବନ୍ଧୁତା ବହୁତ ଖାସ୍ ଓ ମୂଲ୍ୟବାନ । ନୂଆବର୍ଷରେ ଏହି ଫୁଲର ଗୁଚ୍ଛ ତାଙ୍କୁ ବି ଦେଇପାରିବେ, ଯାହା ସହ କିଛି ମନାନ୍ତର ଅବା ମତାନ୍ତର ହୋଇ ସମ୍ପର୍କ ବିଗିଡ଼ି ଯାଇଛି । ଯଦ୍ୱାରା କି ଖରାପ ହୋଇ ଯାଇଥିବା ସମ୍ପର୍କ ପୁଣିଥରେ ଯୋଡି ହେଇଯିବ । କର୍କଟ ରାଶିର ବ୍ୟକ୍ତିଙ୍କ ପାଇଁ ଧଳା ଗୋଲାପ ଭଲ । ତେଣୁ ପ୍ରିୟଜନ ଯଦି କର୍କଟ ରାଶିର ତେବେ ଧଳା ଗୋଲାପ ଦେଇପାରିବେ । ଆଉ କମଳା ରଙ୍ଗର ଗୋଲାପ ଧନୁ ରାଶି ପାଇଁ ଭଲ ।

**ଟ୍ୟୁଲିପ୍ସ:** ଟ୍ୟୁଲିପ ଫୁଲ ବିଭିନ୍ନ ରଙ୍ଗର ମିଳିଥାଏ । ଏହା ଦେଖିବାକୁ ଖୁବ୍ ସୁନ୍ଦର । ତେଣୁ ଏହାକୁ ନୂଆବର୍ଷରେ ଉପହାର ଦେବା ପାଇଁ ବେଷ୍ଟ । ନୂଆବର୍ଷ ଦିନ ଏହାକୁ ମା'ବାପା ଅବା ଯାହାକୁ ଖୁବ୍ ନିଜର ଭାବନ୍ତି ତାକୁ ଉପହାରସ୍ୱରୂପ ଦେଇପାରନ୍ତି । ଏହା ପ୍ରେମର ବି ପ୍ରତୀକ । ତେଣୁ ନିଜର ପ୍ରେମିକାପ୍ରେମିକକୁ ବି ଦେଇପାରିବେ । ମେଷ ରାଶି ପାଇଁ ଏହି ଫୁଲ ଭଲ । ତେଣୁ କେହି ଯଦି ଏହି ରାଶିର ଥାଆନ୍ତି ତାଙ୍କୁ ଟ୍ୟୁଲିପ ଫୁଲ ଦେଇପାରିବେ ।

**ଲାଭେଣ୍ଡର:** ଏହି ଫୁଲ ଯେମିତି ସୁନ୍ଦର ସେମିତି କୋମଳ ବି । ମିଥୁନ ରାଶିର ଲୋକଙ୍କୁ ଏହି ଫୁଲ ଉପହାରସ୍ୱରୂପ ଦେଇପାରିବେ । ନେଟ୍ୱର୍କ ବିସ୍ତାର କରିବା ଓ ସୂଚନା ସଂଗ୍ରହ କରିବା ଯେମିତି ମିଥୁନ ରାଶିର ଲୋକଙ୍କ ପସନ୍ଦ । ଲାଭେଣ୍ଡର ଫୁଲ ବି ସେମିତି କ୍ଷେତରେ ଦୂର ଦୂର ପର୍ଯ୍ୟନ୍ତ ବ୍ୟାପିଥାଏ ।

**ଅର୍କିଡ:** କୁମ୍ଭ ରାଶି ସହ ଅର୍କିଡ ଫୁଲର ସମାନତା ବହୁତ ରହିଛି । କୁମ୍ଭ ରାଶି ଭଳି ଅର୍କିଡ ଫୁଲ ବି ଖାସ୍ । କୁମ୍ଭ ରାଶିର ଲୋକ ଯେମିତି ଅନ୍ୟଙ୍କୁ ଆକର୍ଷିତ କରନ୍ତି, ସେମିତି ଅର୍କିଡ ଫୁଲ ବି ତା'ର ସୌନ୍ଦର୍ଯ୍ୟରେ ଅନ୍ୟଙ୍କୁ ଆକର୍ଷିତ କରେ । ତେଣୁ ନବବର୍ଷରେ ଏହି ଫୁଲ କୁମ୍ଭ ରାଶିର ଲୋକଙ୍କୁ ଦେଇପାରିବେ ।

**ସୂର୍ଯ୍ୟମୁଖୀ:** ସିଂହ ରାଶିର ବ୍ୟକ୍ତିଙ୍କ ପାଇଁ ସୂର୍ଯ୍ୟମୁଖୀ ଫୁଲ ପ୍ରଯୁଜ୍ୟ । ସିଂହ ରାଶିକୁ ରାଜକୀୟ ରାଶି କୁହାଯାଏ, ସେମିତି ସୂର୍ଯ୍ୟମୁଖୀ ଫୁଲ ବି ଫୁଲ ଭିତରେ ରାଜକୀୟ ବୋଲି ଧରାଯାଏ । ଏହି ଫୁଲ ଯେମିତି ନିଜର ରଙ୍ଗ ଓ ସୌନ୍ଦର୍ଯ୍ୟ ପାଇଁ ଅନ୍ୟଙ୍କୁ ଆକର୍ଷିତ କରେ ସେମିତି ସିଂହ ରାଶିର ବ୍ୟକ୍ତି ବି ଅନ୍ୟଙ୍କୁ ଆକର୍ଷିତ କରନ୍ତି ।







# ରଶ୍ମିକାଙ୍କ ଖୁସି



ରଶ୍ମିକା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି, 'ପୁଷ୍ପା-୨'ବକ୍ସ ଅଫିସରେ ୧୦୦୦କୋଟି କ୍ଲବରେ ପ୍ରବେଶ କରିବା ପରେ ଏବେ ଏହାର ନାୟିକା ରଶ୍ମିକା ମନ୍ଦାନାଙ୍କ ହାତରେ ଅଫର ପରେ ଅଫର। ଏବେ ସେ ନୂଆ ଦୁଇଟି ଅଫରକୁ ତର୍ଜମା କରୁଛନ୍ତି। ତା'ସହ ଏକ ନୂଆ ସିନେମାର ଶୁଟିଂ ଡିସେମ୍ବର ଚତୁର୍ଥ ସପ୍ତାହରୁ ଆରମ୍ଭ ହୋଇଯାଇଛି। ଏହି ନୂତନ ପ୍ରୋଜେକ୍ଟର ଟାଇଟଲ ରହିଛି 'ଥାମା'। ମ୍ୟାଡ୍‌ଡକ୍ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଉଛି। ଏଭଳି ସୁଯୋଗ ବିଷୟରେ ରଶ୍ମିକା କହନ୍ତି, ''ଏହି ଫିଲ୍ମରେ ମୋତେ ଏକ ମନଲାଖି ଭୂମିକା ମିଳିଛି। 'ପୁଷ୍ପା-୨' ହିଟ୍ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା। ଏବେ ନୂଆ ଫିଲ୍ମର ଶୁଟିଂ ଆରମ୍ଭ ହୋଇଯାଇଛି। ତେଣୁ ଏଥିରେ ମୋତେ ମିଳିଥିବା ଭୂମିକାଟି କିପରି ସକସେସ୍ ହେବ ସେ ନେଇ ନିଶ୍ଚୟ ଚେଷ୍ଟା କରିବି। ଏହାବ୍ୟତୀତ ଏବେ ମୋ ହାତରେ ଆଉ ଦୁଇଟି ନୂଆ ଅଫର୍ ରହିଛି। ହେଲେ ସେଗୁଡିକ କଥାବର୍ତ୍ତା ସ୍ତରରେ ଅଛି। ତେଣୁ ସେ ବିଷୟରେ ସବିଶେଷ ସୂଚନା ଦେବା ଏବେ ଠିକ୍ ହେବ ନାହିଁ।'' 'ଥାମା' ଫିଲ୍ମରେ ରଶ୍ମିକାଙ୍କ ନାୟକ ସାଜୁଛନ୍ତି ଆୟୁଷ୍ମାନ ଖୁରାନା। ତେବେ ଏହି ଯୋଡି ବଡ ପରଦାରେ ଏଥର କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଭିକି ହିଁ ବେଷ୍ଟ

ଏବେ ଦିବ୍ୟା ଦତ୍ତାଙ୍କ ମୁହଁରେ ଭିକି କୌଶଲଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ହେଲେ ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ। ହଁ, ତାହା ତ ନିଶ୍ଚୟ ରହିଛି। କଥା କ'ଣ କି ଭିକିଙ୍କ ସହ ସେ ଏବେ ଏକ ନୂଆ ସିନେମା 'ଛାୱା'ରେ ଅଭିନୟ କରୁଛନ୍ତି। ଆଉ ଶୁଟିଂ ସମୟରେ ଭିକି କେତେ ସହଯୋଗୀ ଥିଲେ ତାହା ସେ ଚାରିଆଡେ କହି ବୁଲୁଛନ୍ତି। ଏ ନେଇ ଦିବ୍ୟା କହନ୍ତି, ''ସତ କଥା କହିବାକୁ ଗଲେ ଭିକି ମୋର ଜଣେ ପସନ୍ଦର ଅଭିନେତା। 'ଉରି' ଫିଲ୍ମ ଦେଖିବା ପରେ ମୋର ଶତ ପ୍ରତିଶତ ହୃଦହଙ୍ଗମ ହୋଇଥିଲା ଯେ, ଏହି ଅଭିନେତା ଦିନେ ନା ଦିନେ ଅଭିନୟ କ୍ଷେତ୍ରରେ ବହୁତ ଆଗକୁ ଯିବେ। ଆଜି ତାହା ସତରେ ପରିଣତ ହୋଇଛି। ତାଙ୍କ ସହ 'ଛାୱା'ରେ ଅଭିନୟ କରିବା ସମୟରେ ଅନେକ ସ୍ମୃତି ମୋ ମନରେ ରହିଯାଇଛି। ଯେମିତିକି ଯଦି କେତେବେଳେ ମୁଁ ଶଟ୍ ଦେବାରେ ଅସୁବିଧାର ସମ୍ମୁଖୀନ ହେଉଥିଲି ତାଙ୍କର କେଇପଦ ଟିପ୍ସ ମୋର ସେହି ସମସ୍ୟାକୁ ସମାଧାନ କରିଦେଉଥିଲା। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମର ମେଲ୍ ଲିଡ୍ ପାଇଁ ଭିକି ହିଁ ବେଷ୍ଟ। ଉକ୍ତ ଫିଲ୍ମର କାହାଣୀ ଭିନ୍ନ ଧରଣର ଏବଂ ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।'' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଲକ୍ଷ୍ମଣ ଉତେକର।



ଦିବ୍ୟା ଦତ୍ତା

# ଭାବୁଛନ୍ତି ମାଧୁରୀ

ଦିନ ଥିଲା ବଲିଉଡ୍‌ରେ ମାଧୁରୀ ଦୀକ୍ଷିତ ରାଜ୍ କରୁଥିଲେ। ଭୂମିକାଟି ଯେଉଁ ପ୍ରକାରର ହେଉ ନା କାହିଁକି, ତାକୁ ତୁଲାଇବାରେ ସେ କେତେ ଧୂରନ୍ଧର ଥିଲେ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତେବେ ତାଙ୍କର ଏକ ଆଶା ଅଧୁରା ରହିଯାଇଛି। ତାହା କ'ଣ ଜାଣନ୍ତି ? ଯେତେବେଳେ ସେ ପାଠ ପଢୁଥିଲେ ଜଣେ ମାଇକ୍ରୋବାୟୋଲୋଜିଷ୍ଟ ହେବାକୁ ଆଶା ରଖିଥିଲେ। ସେ ବି.ଏସ୍‌ସି. ପଢ଼ିବା ବେଳେ ମାଇକ୍ରୋବାୟୋଲୋଜି ତାଙ୍କର ଏକ ସବଜେକ୍ଟ ଥିଲା। ଏଥିରେ ସେ ଭଲ ନମ୍ବର ରଖି ପାସ୍ ବି କରିଥିଲେ। ଏ ନେଇ ମାଧୁରୀ କହନ୍ତି, 'ପାଠ ପଢ଼ିବା ବେଳେ ମୁଁ ଭବିଷ୍ୟତରେ ଜଣେ ମାଇକ୍ରୋବାୟୋଲୋଜିଷ୍ଟ ହେବାକୁ ଲକ୍ଷ୍ୟ ରଖିଥିଲି। କିନ୍ତୁ ମୋ ଭାଗ୍ୟରେ ଆଉ କିଛି ଲେଖା ଥିଲା। ଯାହାହେଉ ଅଭିନୟ କ୍ଷେତ୍ରରେ ଦର୍ଶକଙ୍କ ପାଇଁ ମୁଁ ଯେଉଁ ସମ୍ମାନ ପାଇଛି ତାହାକୁ କଦାପି ଭୁଲି ପାରିବି ନାହିଁ।' ୧୯୮୪ରେ 'ଅବୋଧ' ଫିଲ୍ମରୁ ମାଧୁରୀଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା। ଏହାର ଚାରିବର୍ଷ ପରେ ୧୯୮୮ରେ ରିଲିଜ ହୋଇଥିବା ମ୍ୟୁଜିକାଲ ହିଟ୍ 'ତେଜାବ୍' ତାଙ୍କୁ ରାତାରାତି ନାୟିକା ଦୌଡରେ ସାମିଲ କରିବାରେ ସାହାଯ୍ୟ କରିଥିଲା।



ମାଧୁରୀ

# ଓଟିଟି ପ୍ଲାଟଫର୍ମରେ 'ଡାଲଚିନି'

ଦୀର୍ଘ ଦିନଧରି ଚର୍ଚ୍ଚାରେ ରହିଥିବା ଓଡ଼ିଆ ରୋମାଣ୍ଟିକ ଚଳଚିତ୍ର 'ଡାଲଚିନି' ଓଟିଟି ପ୍ଲାଟଫର୍ମ ଆଓ ନେକ୍ସଟରେ ପ୍ରସାରିତ ହେବାକୁ ଯାଉଛି। ରିଲିଜ ପୂର୍ବରୁ ଏହି ଚଳଚ୍ଚିତ୍ରଟି ଅନେଗୁଡ଼ିଏ ପ୍ରଶଂସା ସାଉଁଟି ସାରିଛି। ଓଡ଼ିଶା ରାଜ୍ୟ ସ୍ତରୀୟ ଚଳଚିତ୍ର ଉତ୍ସବରେ ଏହା ଶ୍ରେଷ୍ଠ ଫିଲ୍ମ ଭାବରେ ଘୋଷଣା ହେବା ସହିତ 'ଡାଲଚିନି' ଫିଲ୍ମ ପାଇଁ ସୂର୍ଯ୍ୟମୟୀ ମହାପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ମିଳିସାରିଛି। କୌସ୍ତୁଭ ଡ୍ରିମୱାର୍କ୍ସ ଏବଂ ରିତୁପ୍ରୀୟା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ପାର୍ଥ ସାରଥୀ ରାୟ ଓ ସୂର୍ଯ୍ୟମୟୀ ମହାପାତ୍ର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ସିଂ ଓ ଶିଶିର କୁମାର ସାହୁ। । କାହାଣୀ ଅନୁସାରେ ଜଣେ ମଧ୍ୟ-ବର୍ଗୀୟ ବ୍ୟାଙ୍କ କର୍ମଚାରୀ ଛୁଟିରେ ସମୟ ଅତିବାହିତ କରିବାକୁ ଅନଲାଇନ ଡେଟିଂ ସାଇଟରୁ ଜଣେ ସାଥୀ ଚୟନ କରନ୍ତି। ପରେ ସାଥୀ ସହିତ ତାଙ୍କର ଏମିତି ସମ୍ପର୍କ ଯୋଡ଼ି ହେଇଯାଉଛି ଯେ, କେତେବେଳେ ଏହି ସମ୍ପର୍କ ପ୍ରେମର ରୂପ ନିଏ ତାହା କେହି ଜାଣି ପାରନ୍ତି ନାହିଁ । ପରବର୍ତ୍ତୀ ସମୟରେ କ'ଣ ଘଟୁଛି ତାହାକୁ ନେଇ କାହାଣୀ ଗତିଶୀଳ। ଏହା ଏକ ଭିନ୍ନ ସ୍ୱାଦର କାହାଣୀ ଯାହାକୁ ଦେଖିଲେ ହିଁ ଜାଣିପାରିବେ। ତେବେ ଡିସେମ୍ବର ୨୮ ତାରିଖରୁ ଏହା ଅନ୍ୟତମ ଆଗଧାଡିର ଓଟିଟି ପ୍ଲାଟଫର୍ମ 'ଆଓ ନେକ୍ସଟ'ରେ ଷ୍ଟ୍ରିମିଙ୍ଗ ହେଉଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅତୀଶ କୁମାର ରାଉତ।

# ସଙ୍ଗୀତ ମୋ ଜୀବନକୁ ଗଢ଼ିଛି







ଯିଏ ଉଭୟ ଭଜନ ଓ ଆଧୁନିକ ସଙ୍ଗୀତ ପରିବେଷଣକରି ଶ୍ରୋତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି ସେ ହେଲେ ଗାୟକ ଓ ସଙ୍ଗୀତ ନିର୍ଦ୍ଦେଶକ **ପ୍ରଶାନ୍ତ ପାଢ଼ୀ**। ବାପା ଭାସ୍କର ପାଢ଼ୀ ଓ ବୋଉ ସରସ୍ୱତୀ ପାଢ଼ୀ । ଗଜପତି ଜିଲାର ପାରଳାଖେମୁଣ୍ଡି ନିକଟସ୍ଥ ଦେବିତୀ ଗ୍ରାମରେ ଏକ ସଂସ୍କୃତିସମ୍ପନ୍ନ କଳାକାର ପରିବାରରେ ତାଙ୍କର ଜନ୍ମ। ପରିବାରର ପ୍ରତ୍ୟେକ ସଦସ୍ୟ ଥିଲେ କଳାପ୍ରେମୀ। ଏପରି ଏକ ପରିବେଶରେ ବଢ଼ିଥିବା ପ୍ରଶାନ୍ତଙ୍କର ପିଲାଟି ଦିନୁ ରହିଥିଲା ସଙ୍ଗୀତ ପ୍ରତି ଅହେତୁକ ଦୁର୍ବଳତା। ନିଜର ସଙ୍ଗୀତ ଯାତ୍ରା ସମ୍ପର୍କରେ ସେ କୁହନ୍ତି,'ବାପା ଥିଲେ ସେ ଅଞ୍ଚଳର କୃଷ୍ଣଲୀଳା ଗାୟକ। ନିତି ସଞ୍ଜରେ ଆମ ଘରେ ଭଜନ, ଜଣାଣ ଆସର ଜମିଥାଏ। ପରିବାରର ସଦସ୍ୟଙ୍କ ସହ ମୁଁ ମଧ୍ୟ ବସି ଶୁଣିଥାଏ । ସେ ସମୟରେ ଆମ ଅଞ୍ଚଳରେ ଅନୁଷ୍ଠିତ ହେଉଥିବା କୃଷ୍ଣଲୀଳାକୁ ବାପା ମୋତେ ସାଙ୍ଗରେ ନେଇଯାଆନ୍ତି। ବାପାଙ୍କ ପାଖରେ ବସୁ ବସୁ ମୁଁ ଗାଇବା ଆରମ୍ଭକଲି । ମୋର ସଙ୍ଗୀତ ପ୍ରତି ଆଗ୍ରହ ବଢ଼ିଲା। ବୋଉ ଥିଲା ସଙ୍ଗୀତପ୍ରେମୀ। କେବେ କେଉଁ ଦିନ ନ ଯିବାର ଜିଦ୍ କଲେ ଜୋରକରି ବାପାଙ୍କ ସାଙ୍ଗେ ଗାଇବା ପାଇଁ ପଠାଇଦିଏ । ଏମିତି ଉଭୟଙ୍କ ପ୍ରୋତ୍ସାହନ,ସହଯୋଗରେ ଆରମ୍ଭ ହୋଇଥିଲା ମୋର ସଙ୍ଗୀତ ଶିକ୍ଷା। ହାରମୋନିୟମ ବଜାଇ ଗୀତ ଗାଇବାର ନିଶା ମୋ ମନରେ ପିଲାଦିନୁ ଘାରିଥିଲା। ଘରର ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିବାରୁ ଏକ ପୁରୁଣା, ଭଙ୍ଗା ହାରମୋନିୟମକୁ ଚାବିପକାଇ ମୋ ଦାଦା ରଖିଥିଲେ। ଗାଁରେ କୌଣସି ପର୍ବପର୍ବାଣିରେ ଭଜନ କୀର୍ତ୍ତନ ଆୟୋଜନ ହେଲେ ତା'ର ଆବଶ୍ୟକତା ପଡ଼ିଥାଏ । ମୁଁ କିନ୍ତୁ ଘରର ତାଲା ଭାଙ୍ଗି ଲୁଚି ଲୁଚି ହାରମୋନିୟମ ବଜାଇବା ଶିଖିଥିଲି। ନିଜ ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ପରେ ସୋନପୁର ହାଇସ୍କୁଲରୁ ମାଟ୍ରିକ୍ ଏବଂ ପାରଳାଖେମୁଣ୍ଡିସ୍ଥିତ କୃଷ୍ଣଚନ୍ଦ୍ର ଗଜପତି କଲେଜରୁ ଶିକ୍ଷା ଶେଷ କରିଥିଲି । ସ୍କୁଲ ଓ କଲେଜ ପଢ଼ା ସମୟରେ ବହୁବାର ବିଭିନ୍ନ ସଙ୍ଗୀତ କାର୍ଯ୍ୟକ୍ରମରେ ଗୀତ ଗାଇ ପୁରସ୍କୃତ ହେବା ପରେ ବିଧିବଦ୍ଧ ଭାବେ ଗୁରୁ କୃଷ୍ଣଚନ୍ଦ୍ର ପାତ୍ରଙ୍କଠାରୁ କର୍ନାଟକୀ ସଙ୍ଗୀତ ଓ ପରେ କଟକ ଚାଲିଆସି ଗୁରୁ ଗୋପାଳ ପଣ୍ଡାଙ୍କଠାରୁ ହିନ୍ଦୁସ୍ଥାନୀ ସଙ୍ଗୀତ ଶିକ୍ଷା କରିଥିଲି। ପାରଳାଖେମୁଣ୍ଡିର ଭକ୍ତି ସଙ୍ଗୀତ ସଂସଦର ମୁଁ ଜଣେ ଆଜୀବନ ସଦସ୍ୟ। ନୂଆ ନୂଆ ଗାଉଥିବା ସମୟରେ ଓଡ଼ିଶାର ପ୍ରସିଦ୍ଧ ଗାୟିକାଗାୟକମାନଙ୍କୁ ସେଠାକୁ ଡାକୁଥିଲୁ। ଭଜନ ସମ୍ରାଟ ଭିକାରୀ ବଳ,ଅକ୍ଷୟ ମହାନ୍ତି,ଶାନ୍ତିଲତା ବାରିକ,ଏମାନଙ୍କ ଗୀତ ଶୁଣି ଶୁଣି ମନରେ ପ୍ରଶ୍ନ ଆସେ ଦିନେ କ'ଣ ମୁଁ ଏ ଜାଗାରେ ପହଞ୍ଚିପାରିବି। ସେମାନେ ସମସ୍ତେ ଓଡ଼ିଶା ମାଟିର ଗୌରବ। ସେମାନଙ୍କୁ ଶୁଣି ଶୁଣି ଅନେକ କଥା ଶିଖିଛି।'' ଏକାମ୍ର ଭଜନ ଧାରା ନାମରେ ଏକ ଅନୁଷ୍ଠାନ ପ୍ରତିଷ୍ଠାକରି ସେ ଦୀର୍ଘ ୩୦ ବର୍ଷ ହେଲା ଓଡ଼ିଶାର ବିଭିନ୍ନ ସ୍ଥାନରେ ଭଜନସନ୍ଧ୍ୟା ଆୟୋଜନକରି ଅନେକ ନୂତନ ସଙ୍ଗୀତଜ୍ଞ ସୃଷ୍ଟି କରିଛନ୍ତି। ତାଙ୍କୁ ଏ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ କରିଛନ୍ତି ପତ୍ନୀ ସୁଚିତ୍ରା। ବହୁ ବର୍ଷ ମଞ୍ଚରେ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପ୍ରଶାନ୍ତଙ୍କୁ ୧୯୮୬ ମସିହାରେ ପ୍ରଥମ ଥର ପୁରୀର ଦେବ ଦୀପାବଳି ଭଜନ ସମାରୋହରେ ଭଜନ ଗାଇବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା। ଏହାପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆସିଥିଲା ତାଙ୍କର ପ୍ରଥମ କ୍ୟାସେଟ୍ 'ଗୁଣ୍ଡିଚା ବିଜେ'। ଏହାର ସଫଳତା ତାଙ୍କୁ ଗୋଟିଏ ପରେ ଗୋଟିଏ କ୍ୟାସେଟ୍‌ରେ ଗାଇବା ସହ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଆଗକୁ ନେଇ ଚାଲିଲେ। ହଜାରେରୁ ଅଧିକ ଲୋକପ୍ରିୟ ଭଜନ ସେ ପରିବେଷଣ କରିଛନ୍ତି। ଭଜନ ଗାୟକ ଭାବେ ସଫଳତା ଅର୍ଜନ କରିବା ପରେ ପ୍ରଶାନ୍ତ ପାଦ ବଢ଼ାଇଥିଲେ ଚଳଚ୍ଚିତ୍ର ଜଗତକୁ। ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରଥମ ଥର ପାଇଁ ୨୦୦୮ ମସିହାରେ ଆସିଥିଲା 'ନନ୍ଦିନୀ ଆଇ ଲଭ ୟୁ ଚଳଚ୍ଚିତ୍ର' । ଚଳଚ୍ଚିତ୍ରର ସମସ୍ତ ଗୀତ ସୁପର ହିଟ୍ ହେବା ସହ ପ୍ରଶାନ୍ତଙ୍କୁ ଦେଇଥିଲା ଏକ ନୂତନ ପରିଚୟ । ଜଣେ ସଫଳ ନିର୍ଦ୍ଦେଶକ ଭାବେ ସେ ୧୫ଟି ଅନୁଷ୍ଠାନ ତରଫରୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ପୁରସ୍କୃତ ହୋଇଥିଲେ । ପରେ ପରେ ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଡ୍ରିମ୍ ଗାର୍ଲ, ପ୍ରେମରୋଗୀ, ମିତରେ ମିତ, ସଞ୍ଜୁ ସଞ୍ଜନା, ମୁଁ ତାକୁ ପ୍ରେମୀ ମୁଁ ପାଗଳ ଭୁଲ୍ ବୁଝିବନି ମୋତେ, ମନ ମୋର ପ୍ରଜାପତି, ଦେଲେ ଧରା କଥା ସରେ ଇତ୍ୟାଦି ଚଳଚ୍ଚିତ୍ର ସହ ଜୀ ସାର୍ଥକର ମୁକ୍ତିଲାଭ କରିଥିବା ପାଣି ଗ୍ରହଣ, ଦିଦି ନମସ୍କାର, ପାରି କରିବେ ଭୋଳାଶଙ୍କର, କନ୍ୟାଦାନ ରୋମିଓ ରୋବର୍ଟ ସହ ୩୦ରୁ ଅଧିକ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସିଦ୍ଧାର୍ଥ ଚ୍ୟାନେଲରେ ପ୍ରସାରିତ ଭକ୍ତି କଣ୍ଠ ଓ ମୁଁ ବି ନମିତା ଅଗ୍ରୱାଲ ହେବି ରିଆଲିଟି ଶୋ'ରେ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ପ୍ରଶାନ୍ତ କୁହନ୍ତି , ''ସଙ୍ଗୀତ ମୋ ଜୀବନର ସବୁ କିଛି। ସଙ୍ଗୀତ ମୋ ଜୀବନକୁ ଗଢ଼ି ତୋଳିଛି । ତାରି ନିଶାରେ ମୁଁ ସରକାରୀ ଚାକିରି ଛାଡ଼ିଛି । ଜିଇଁଥିବା ପର୍ଯ୍ୟନ୍ତ ସଙ୍ଗୀତ ରେ ହିଁ ଥିବି।''

ଓଡ଼ିଆ ସଙ୍ଗୀତ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ବାଣୀଚିତ୍ର ସମ୍ମାନ,ଚଳଚ୍ଚିତ୍ର ଜଗତ,ସିନେମା ଦୁନିଆର ଅନେକ ସମ୍ମାନ ସମେତ ୨୦୨୦ ମସିହାରେ ଓଡ଼ିଆ ସୁଗମ ସଙ୍ଗୀତ ନିମନ୍ତେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି।







**–ପ୍ରିୟମ୍ବଦା ରଥ** , ଆର୍‌କେପୁରମ
ସେକ୍ଟର– ୪, ନୂଆଦିଲ୍ଲୀ
ମୋ: ୮୬୮୮୯୫୭୮୦୦



## ନବବର୍ଷ

**–ରଜତ ମହାନ୍ତି**

ନବବର୍ଷ ତୁମେ
କି କୁହୁକ ଜାଣ
ଲୁହ ବି ହସରେ ବଦଳିଯାଏ,
ଏମିତି ଋତୁକୁ
ନେଇ ତୁମେ ଆସ
ପୁରୁଣା ବି ଲାଗେ ନୂଆ ପରାଏ।

*–ବଳଗଣ୍ଡି, ପୁରୀ*
*ମୋ: ୮୯୦୮୦୬୬୫୬୨*

# ନୂଆବର୍ଷର ତିନୋଟି ସ୍କେଚ୍

**– ପରଂବ୍ରହ୍ମ ତ୍ରିପାଠୀ**

### ୧୯୮୯

**ସା**ତ ବର୍ଷର ମୁଁ, ନନା(ବାପା)ଙ୍କ ପଇତା ଚୋବେଇ ଶୋଇବାକୁ ଚେଷ୍ଟା କରୁଥାଏ। ନନା କହିଲେ– କୁନା କାଲି ନୂଆବର୍ଷ, ସକାଳୁ ଉଠିବୁ, ଗୋଟିଏ କାମ ଆଗ କରିବୁ। ମୁଁ ପଚାରିଲି– କୋଉଟା? ନନା କହିଲେ– ସକାଳୁ ଉଠି ପ୍ରଥମେ ଦୁଇ ଘଣ୍ଟା ପଢ଼ିବାର ଅଛି। ମୁଁ କହିଲି– ନନା! କାଲି ପରା ଛୁଟି, ପଢ଼ିବି କ'ଣ ପାଇଁ? ନନା ବୁଝେଇ କହିଲେ– କାଲି ଛୁଟି ଯେ, ହେଲେ କାଲି ନୂଆବର୍ଷ ବି। ନୂଆବର୍ଷରେ ଯାହା କରନ୍ତି, ବର୍ଷଯାକ ସେଇଆ କରନ୍ତି। ସେଇଥିପାଇଁ କାଲି ସକାଳୁ ଉଠି ପ୍ରଥମେ ଦି' ଘଣ୍ଟା ପଢ଼ିବାର ଅଛି। ସାତ ବର୍ଷର 'ମୁଁ'କୁ ବେଶି କିଛି ବୁଝାପଡ଼ିଲାନି, ହେଲେ ନନା କହୁଛନ୍ତି ମାନେ ଠିକ୍ ହେଇଥିବ। ମୁଁ କେବଳ ହଁଟେ ମାରି ନନାଙ୍କୁ କୁଣ୍ଢେଇ ଶୋଇଗଲି।

### ୧୯୯୯

ପ୍ଲସ୍ ଟୁ'ରେ ତ ଯାହା କଲା କଲା, ନୂଆ ବର୍ଷଟା, କୁନାକୁ ବୁଝେଇ ଦେ ଯେ, ଏଥର ସେ ମେଡିକାଲ ପାଉ ଯେମିତି ହେଲେ ବି। ନନା ଆଉ ମୁଁ ଆଖିକି ଆଖି ମିଶେଇ ମୁହାଁମୁହିଁ କଥା ହେଉ ନ ଥିଲୁ, କେଜାଣି କେବେଠୁ। ନନା ବୋଉକୁ କୁହନ୍ତି ଆଉ ବୋଉ ମତେ, ତା'ପରେ ମୁଁ ବୋଉକୁ ଉତ୍ତରଦିଏ, ବୋଉ ନନାଙ୍କୁ। ମୁଁ ବୋଉକୁ କହିଲି, ମତେ ଡାକ୍ତର ହେବାର ନାହିଁ କି ଆଉ ସାଇନ୍ସ ପଢ଼ିବାର ନାହିଁ। ବୋଉ ସେଇକଥା କହିଲା ନନାଙ୍କୁ। ନନା ଉତ୍ତର ଦେଲେ, ମୂଳରୁ ମନା କରିଥିଲା ଇଞ୍ଜିନିୟର ହେବନି, ଏବେ କହୁଛି ଡାକ୍ତର ହେବନି, ମାଟ୍ରିକ୍ ନମ୍ବର ପ୍ଲସ ଟୁ'ରେ ଅଧା ହେଇଗଲା, କବିତା ଲେଖିବା ଆରମ୍ଭ କଲାଣି, ଝୁଲା ପକେଇ ଦାଢ଼ି ରଖି କବି ହେଇ ଅନ୍ୟମାନଙ୍କୁ ଚା' କପ୍‌ଟେ ପିଇବାକୁ ଦେଢ଼ଟଙ୍କା ମାଗିବ ନା କ'ଣ? ନୂଆବର୍ଷଟା କିଛି କହିବିନି ବୋଲି ଭାବିଥିଲି, ହେଲେ ଏ ପିଲା ନ କହି ରଖେଇ ଦେବନି। ତା'ପରେ ନନା କ'ଣ କ'ଣ କହିଥିଲେ କାଇଁ ଏବେ ଆଉ ମନେପଡୁନି।

### ୨୦୨୪

ପୁଅକୁ ମୁଁ କୁନୁ ଡାକେ। ସକାଳେ କୁନୁ କହିଲା, ପାପା! ମୋ'ଠାରୁ କିଛି ନ୍ୟୁ ଇୟର ପ୍ରମିସ୍ କରେଇବନି? ଜେଜେ ଥିଲାବେଳେ ବା ପ୍ରତିବର୍ଷ ତମଠାରୁ କରାଉଥିଲେ ବୋଲି ମାମା ଆଉ ମା' କହିଲେ। ମୁଁ କହିଲି ନାହିଁରେ, ମତେ କିଛି ଦରକାର ନାହିଁ। କୁନୁ ଟିକେ ଛଳଛଳ ଦେଖାଗଲା। କହିଲା, ପାପା! ମୁଁ ପାରିବି ମ, ମତେ ପ୍ରମିସ୍ ତ କରାଅ, ପ୍ଲିଜ୍। ମୋ ପାଟିରୁ କେଜାଣି କେମିତି ବାହାରିଗଲା, ପ୍ରମିସ୍ କର ତୁ ମୋ ଭଳି କେବେବି ହେବୁନି, ତୁ ହେବୁ ଠିକ୍ ସେମିତି, ଯେମିତି ତତେ ହେବାର ଇଚ୍ଛା ଅଛି। କୁନୁ ଅବୁଝା ଆଖିରେ ଚାହିଁଲା ମତେ, ଧଳାଶାଢ଼ିରେ ବୋଉ ଆମ ନୂଆ ପ୍ରତିଷ୍ଠା ହୋଇଥିବା ଘରର ରୋଷେଇଘରୁ ଚିଲେଇଲା, ଛୁଆଟାକୁ ଏତେ ଅବୁଝା କଥା କହୁଛୁ କାହିଁକି ସକାଳୁ ସକାଳୁ, ଯା' ଦାନ୍ତ ଘଷ ଚା' ପି। ନୂଆବର୍ଷ ବା, ଯା' କୁନୁକୁ ଟିକେ ବୁଲେଇ ଦେଇ ଆଣ। ପତ୍ନୀ କହୁଥିଲେ, ସେଇଆ ବା ବୋଉ, ଯେତେବେଳେ ଦେଖ ଯାଙ୍କର ବୁଝି ନେହେଲା ଭଳି ଭାଷଣ।

*– ନାଉଗାଁହାଟ, ଜଗତ୍‌ସିଂହପୁର,*
*ମୋ: ୯୭୧୭୩୦୨୨୦୫*

## ଯାଚଣ୍ଟା

**–ମାନମୟୀ ରଥ**

ଏ ବର୍ଷ ଭଲ ବର୍ଷା ହେଉ
ଯେତେ ମଞ୍ଜି ପଡ଼ିଛି ମାଟିରେ
ସବୁଯାକ ଗଜା ମାରୁ
ସଭିଙ୍କୁ ପେଟପୂରା ଖାଇବାକୁ ମିଳୁ।

ଏ ବର୍ଷ ଆତଙ୍କବାଦୀଙ୍କୁ
ହତିଆର ନ ମିଳୁ
ତାଙ୍କ ପଛରେ ଥିବା ନେତାଙ୍କୁ
ପକ୍ଷାଘାତ ହେଉ।

ଏ ବର୍ଷ ଯୁଦ୍ଧ ପାଇଁ ଆଦେଶ ଦେବାକୁ
ଯାଉଥିବା ରାଷ୍ଟ୍ରପତିର
ପାଟି ପଡିଯାଉ
ଭଗବାନଙ୍କୁ ଭାଗ ଭାଗ କରୁଥିବା ଲୋକଙ୍କ
ମୁଣ୍ଡ କାମ ନ କରୁ ।

ଏବର୍ଷ ଆମ ବସ୍ତାନୀ ଭାରି ନ ହେଉ
ଦିଦିଙ୍କ ବେତ ପାହାର
ତାଙ୍କ ହାତ ପାପୁଲିଠୁଁ
ଆହୁରି କୋମଳ ହେଉ।

ସବୁ ଯାନବାହନ ଲକ୍ଷ୍ୟସ୍ଥଳରେ
ନିରାପଦରେ ପହଞ୍ଚୁ
ପାହାଡ଼ ଜଙ୍ଗଲ
ରୀତିମତ ରହୁ ଆଉ ବଢୁ।

ଏ ବର୍ଷ ନୂଆ କିଛି ଫୁଲଗଛ
ଜନ୍ମ ହେଉ
ମୁଁ ଅଧା ଶିଖିଥିବା ଗୀତଟି
ପୂରା ହୋଇ ମୋ' କଣ୍ଠରୁ
ବାହାରିଯାଉ।

*–ଅଭିମାନ , ଜମାରସୁଆଁ , ପୁରୀ*
*ମୋ: ୭୯୭୮୫୭୯୩୯୯*






ଧରିତ୍ରୀ 51 Years

# ୨୦୨୫

## ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

## ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | |

## ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

## ଏପ୍ରିଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

## ମେ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

## ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

## ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

## ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

## ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

## ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

## ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

## ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

୨୬.୧: ସାଧାରଣତନ୍ତ୍ର ଦିବସ, ୨୬.୨: ମହାଶିବରାତ୍ରି, ୧୫.୩: ହୋଲି, ୧୪.୪: ମହାବିଷୁବ ସଂକ୍ରାନ୍ତି, ୧.୫: ଶ୍ରମିକ ଦିବସ, ୧୫.୬: ରଜ ସଂକ୍ରାନ୍ତି, ୨୭.୬: ରଥଯାତ୍ରା, ୬.୭: ମହରମ, ୧୫.୮: ସ୍ୱାଧୀନତା ଦିବସ, ୨୭.୮: ଗଣେଶ ଚତୁର୍ଥୀ, ୨.୧୦: ଦଶହରା, ୨୧.୧୦: ଦୀପାବଳି, ୨୫.୧୨: ଖ୍ରୀଷ୍ଟମାସ

NEWTON HIGHER SECONDARY SCHOOL OF SCIENCE, DEBEIPALI (MAJHIPALI), SAMBALPUR
GUPTA DISTRIBUTORS No.1 Retail Chain Stores 30 STORES ELECTRONICS, MOBILE, CAMERA, LAPTOP, HOME APPLIANCES & FURNITURE
KIIT Higher Secondary School +2 Science Campus FULLY RESIDENTIAL www.kiitsciencecollege.org
Green ChillyZ Catering Services
PRIYADARSHINI No.1 Orissa weaver's Organisation Market Building, Bhubaneswar VIP Road, Puri
SPARSH HEALTHCARE ODISHA
IBS INSTITUTE OF BASIC SCIENCES
PANDA TRAVEL MART
BIITM
AIMS GROUP OF INSTITUTIONS SAMBALPUR
Virat Group of Institutions Toll Free: 1800 890 9498
THINK BIG THINK RAJ RAJ ELECTRONICS The one and only house hold name in every family of Odisha since 46 years.
Gitanjali AWARDS
HI-TECH MEDICAL COLLEGE & HOSPITAL
SIKSHA 'O' ANUSANDHAN (DEEMED TO BE UNIVERSITY)
IGKC MULTISPECIALTY HOSPITAL BHUBANESWAR
Alishan men's exclusive since 1996 60 Janpath, Bhubaneswar, Ph.: 2534077
VAJIRAO IAS ACADEMY India's Premier Coaching Institute for Civil Services (IAS/OAS)
TETRAHEDRON GROUP OF INSTITUTIONS Tangi, Cuttack - 754022
SAI International Residential School
homefills trust of purity as mother & child
kalamandir Shop with a smile. 3, Western Market, Bhubaneswar 751009
Farrmb Family of Master Artisans
FROZIT BAKERY CAFE
RUCHI FOODLINE Completing 50 YEARS

ପ୍ରଥମ ରୋଜଗାର

# ବହି କିଣିବା ସହ ବାପାଙ୍କ କରଜ ଶୁଝିଥିଲି



କବି, ଲେଖକ **ନିରାକାର ଦାସ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପିଲାଦିନେ ମୁଁ ଥିଲି ଅତ୍ୟନ୍ତ ଗରିବ। ସେତେବେଳେ ପ୍ୟାଣ୍ଟ ଶାର୍ଟ କିଣିବା ତ ଦୂରର କଥା ସକାଳୁ ଉଠିଲେ ଆମର ଚିନ୍ତା ଥିଲା ଆଜି କ'ଣ ଖାଇବୁ। ତଥାପି ସେଇ ଦରିଦ୍ରତା ଭିତରେ ମୁଁ ଥିଲି ଦେଶ ପାଇଁ ସମର୍ପିତ। କେମିତି ଦେଶରେ ସମାଜବାଦ ଆସିବ, ସାରା ଦୁନିଆରୁ ଦାରିଦ୍ର୍ୟ ଦୂର ହୋଇଯିବ, ଶୋଷଣକଷଣ ଆଉ ମଣିଷର ରହିବନି ଏମିତି ବହୁ ସ୍ୱପ୍ନ ନେଇ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ଦଳର ଡିଏସ୍‌ଓ ଛାତ୍ର ସଂଗଠନରେ ଦିନରାତି ବିଭିନ୍ନ କାର୍ଯ୍ୟକ୍ରମ କରୁଥିଲି। ସେହି ସମୟରେ ଅର୍ଥାତ୍ ୧୯୮୯ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ପଢିବାର ସୁଯୋଗ ପାଇଲି। ତା'ପରେ ଇଂରାଜୀରେ ଏମ୍.ଏ. କଲି। ଠିକ୍ ସେତିକିବେଳେ ହିଁ ମୋ ପାଖକୁ ଭାରତୀୟ ରେଳପଥର ଦକ୍ଷିଣ-ପୂର୍ବ ରେଳପଥ ଜୋନାଲ୍ ମୁଖ୍ୟ କାର୍ଯ୍ୟାଳୟ କଲିକତାସ୍ଥ ଗାର୍ଡେନ ରିଚ୍‌ରେ ବରିଷ୍ଠ ପ୍ରସାର ନିରୀକ୍ଷକ ଚାକିରିର ସୁଯୋଗ ଆସିଲା। ଯେହେତୁ ଚାକିରି କରିବାର ଆଗ୍ରହ ନ ଥିଲା, ତେଣୁ କୌଣସି କମ୍ପିଟିଭ୍ ପାଇଁ ପ୍ରସ୍ତୁତି ହେଉ ନ ଥିଲି କି ପରୀକ୍ଷା ଦେଉ ନ ଥିଲି। ସାରା ଜୀବନ ଦେଶ ସେବାରେ ନିଜକୁ ସମର୍ପିତ କରିବାକୁ ମନସ୍ଥ କରିଥିଲି। କିନ୍ତୁ ଯେତେବେଳେ ଏସ୍‌ୟୁସିଆଇରୁ ବହୁ ଶୀର୍ଷ ନେତୃତ୍ୱମାନେ ଦଳ ତ୍ୟାଗ କରିବାକୁ ଲାଗିଲେ ମୁଁ କିଂକର୍ତ୍ତବ୍ୟ ବିମୂଢ ହୋଇ ଚାକିରି କରିବାକୁ ନିଷ୍ପତ୍ତି ନେଲି। ହେଲେ ସେତେବେଳକୁ କମ୍ପିଟିଭ୍ ପରୀକ୍ଷା ପାଇଁ ଯେଉଁ ଶେଷ ବୟସସୀମା ଥାଏ ତାହା ଶେଷ ହେବାକୁ ମୋ ହାତରେ ମାତ୍ର ୪ମାସ ସମୟ ଥାଏ। ସେହି ଭିତରେ ବହୁ ପୋଷ୍ଟ ପାଇଁ ଆବେଦନ କଲି। କିନ୍ତୁ କଲେଜରେ କ୍ଲାସ୍ ଓ ପରେ ଏମ୍‌ଏ ପରୀକ୍ଷା ଆରମ୍ଭ ହୋଇଯିବାରୁ ଠିକ୍ ସମୟରେ କୌଣସି କମ୍ପିଟିଭ୍ ପରୀକ୍ଷା ଦେଇପାରିଲି ନାହିଁ। ଶେଷକୁ କେବଳ ଏହି ଦକ୍ଷିଣ-ପୂର୍ବ ରେଳପଥର ବରିଷ୍ଠ ପ୍ରସାର ନିରୀକ୍ଷକ ପଦବୀ ପାଇଁ ପରୀକ୍ଷା ଦେବାକୁ ସମୟ ମିଳିଲା। ଉକ୍ତ ପରୀକ୍ଷାରେ କୃତକାର୍ଯ୍ୟ ହେଲା ପରେ କଲିକତା ଗଲି ଚାକିରିରେ ଯୋଗ ଦେବାପାଇଁ। କଲିକତାରେ ରହୁଥିବା ଆମ ଗାଁର ରଥିଆ ଭାଇ (ରତ୍ନାକର ପ୍ରଧାନ) ପାଖରେ ମେସ୍‌ରେ ରହିଲି। ସେହି ମେସ୍‌ରେ ରହୁଥିବା ଆଉ ପାଞ୍ଚଜଣ ବି ଥିଲେ ଆମ ଗାଁପାଖ ଲୋକ। ସେମାନେ ସମସ୍ତେ ସୂତାକଳରେ କାମ କରୁଥିଲେ। ସମସ୍ତେ ମତେ ଖୁବ୍ ଶ୍ରଦ୍ଧା କରୁଥିଲେ। ମୋ ପାଇଁ ରାନ୍ଧିବାଢ଼ି ଦେଉଥିଲେ। ମୋତେ କିଛି ବି କାମ କରେଇ ଦେଉ ନ ଥିଲେ। ରଥିଆ ଭାଇ ତ ମୋତେ ସାନ ଭାଇ ଭଳି ସ୍ନେହ କରୁଥିଲେ। ସେମାନଙ୍କ ସ୍ନେହରେ ବେଳେବେଳେ ଭାବପ୍ରବଣ ହୋଇପଡୁଥିଲି। ମନେପଡୁଛି ପ୍ରଥମ ଦରମା ବାବଦରେ ଚାରି ହଜାର ଟଙ୍କା ପାଇଥିଲି। ଯିଏ ଥରେ ବି ପାଞ୍ଚଶହ ଟଙ୍କା ଧରିବାର ସୁଯୋଗ ପାଇ ନ ଥିଲା ତାକୁ ଏତେଗୁଡ଼ିଏ ଟଙ୍କା ଦେଖିଲେ ଯେମିତି ଲାଗେ, ମୋତେ ବି ସେଦିନ ଠିକ୍ ସେମିତି ଲାଗିଥିଲା। କ'ଣ କରିବି ଭାବି ପାରୁ ନଥିଲି। ଖୁସିରେ ସମସ୍ତଙ୍କୁ ଶହେ ଟଙ୍କା ଲେଖାଏ ଦେଲି, ଆଉ ରଥିଆ ଭାଇକୁ ହଜାରେ ଟଙ୍କା ଦେଲି। ତା'ପରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଏକ ସେଟ୍ ବହି ୨୫୦ ଟଙ୍କା ଦେଇ କିଣିଲି; ଯାହାକୁ କିଣିବାକୁ ବହୁ ଦିନରୁ ଇଚ୍ଛା ଥିଲା, କିନ୍ତୁ ପଇସା ଅଭାବରୁ କିଣିପାରି ନ ଥିଲି। ଏସବୁ ପରେ ବାପାଙ୍କ କରଜ ଶୁଝିବାକୁ ଘରକୁ ବି କିଛି ଟଙ୍କା ପଠାଇଥିଲି। କାରଣ ଅଭାବ ହେତୁ ବାପାଙ୍କୁ ତାଙ୍କର ୨୦ ଜଣିଆ ପରିବାରକୁ ଚଳାଇବାକୁ ଅନେକ ସମୟରେ କରଜ କରିବାକୁ ପଡୁଥିଲା। ପ୍ରଥମ ଦରମା ଏମିତି ବାଣ୍ଟିବାରେ ହିଁ ମୋର ସରିଯାଇଥିଲା। କେବଳ ପ୍ରଥମ ଦରମା କାହିଁକି ଚାକିରି ଶେଷ ପର୍ଯ୍ୟନ୍ତ ବି ପ୍ରତିମାସର ଦରମା କେମିତି ଆସି କେମିତି ସରୁଥିଲା ତା'ର ହିସାବ ବି ମୁଁ କେବେ ରଖିନି। କାରଣ ଟଙ୍କା ପ୍ରତି ମୋର ମୋହ କେବେ ନ ଥିଲା କି ଏବେ ବି ନାହିଁ। ପୂର୍ବତଟ ରେଳପଥରୁ ବରିଷ୍ଠ ଜନସମ୍ପର୍କ ଅଧିକାରୀ ଭାବେ ଚାକିରିରୁ ଅବସର ନେବା ପରେ ଏବେ ମୋ ସମୟ କେବଳ କବିତା ଓ ଗ୍ରନ୍ଥ ଲେଖାରେ ବିତୁଛି। 'ଭିନ୍ନ ଇଲାକାର ସ୍ୱର', 'ମହରଗ ପାଦେ ମାଟିର ସ୍ୱପ୍ନ', 'ବିଭିନ୍ନ ବସୁଧା', 'ଏ ଯୁଦ୍ଧ ନୁହେଁ ତୁମର', 'ଅସରନ୍ତି ଯାତ୍ରା', 'ମୁଁ ସର୍ବହରାର କବି' ହେଉଛି ମୋ ରଚିତ କେତୋଟି କବିତା ସଂକଳନ।



ସାଥୀ

# ପାଖରେ ନାହିଁ ମନର ସାଥୀ ଭାବନାରେ ବିତେ ଚାନ୍ଦିନୀ ରାତି

**ପ୍ରଶ୍ନ:** ମୋ ପ୍ରେମିକା ମୋତେ କଥା ଦେଇ ଯାଇଛି ଯେ ସେ ଶୀଘ୍ର ଫେରି ଆସିବ। ହେଲେ ଦିନ ପରେ ଦିନ ରାତି ପରେ ରାତି ବିତିଯାଉଛି। ହେଲେ ସେ ଫେରୁନି କାହିଁକି ? ସେ ମୋତେ ଧୋକା ଦେଇ ଚାଲି ଗଲାନି ତ ?

-ପ୍ରଭାତ କୁମାର, ବ୍ରହ୍ମପୁର

**ଉତ୍ତର:** 'ପାଖରେ ନାହିଁ ମନର ସାଥୀ, ଭାବନାରେ ବିତେ ଚାନ୍ଦିନୀ ରାତି'। ପ୍ରେମରେ ସବୁଠାରୁ ବଡ କଥା ହେଲା ବିଶ୍ୱାସ। ପ୍ରେମିକା ଆପଣଙ୍କ ଉପରେ ବିଶ୍ୱାସ ରଖି କହିଯାଇଛି ଯେ ସେ ଶୀଘ୍ର ଫେରିଆସିବ। ହେଲେ ଆପଣ ଉଲ୍ଲେଖ କରୁଛନ୍ତି ଯେ ଦିନ ଗଡିଚାଲିଛି କିନ୍ତୁ ସେ ଫେରୁନାହିଁ। ସେହି ସୁନ୍ଦରୀର ଠିକଣା ଆପଣଙ୍କ ପାଖରେ ନାହିଁ କି ? ଏବେ ତ ହାଇଟେକ୍ ଯୁଗ। ଅନ୍ତତଃ ମୋବାଇଲ ନମ୍ବର ଥିବ। ତେଣୁ ଭାବନା ରାଇଜରୁ ବାହାରି ଆସି ଯୋଗାଯୋଗ କରନ୍ତୁ। ହୁଏତ ଆପଣଙ୍କ ପ୍ରଶ୍ନର ଉତ୍ତର ପାଇଯିବେ।

**ପ୍ରଶ୍ନ:** ଜଣେ ସୁନ୍ଦରୀର ମନ ସହ ମୋ ମନ ମିଶି ଯାଇଛି। ମୋ ପ୍ରେମିକା ବର୍ଷାକୁ ଭାରି ଭଲ ପାଏ। ବର୍ଷାକୁ ନେଇ ତା' ପାଇଁ ଗୋଟିଏ ଗୀତ ଲେଖିଛି। ତାକୁ ସେ ଗ୍ରହଣ କରିବ ତ ?

-ତାପସ ପ୍ରହରାଜ, ରାଉରକେଲା

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଛନ୍ତି ତାହାର ମନକୁ ଭଲ ଭାବରେ ନିଶ୍ଚୟ ପରଖି ନେଇଥିବେ। ସେ ବର୍ଷାକୁ ଭଲ ପାଏ। ପୁଣି ଆପଣ ବର୍ଷାକୁ ଆଧାର କରି କବିତା ଲେଖିଛନ୍ତି। ବାସ୍, ସେହି ଝିପି ଝିପି ବର୍ଷାକୁ ଶବ୍ଦରେ ପରିବର୍ତ୍ତନ କରି ନିଜ କବିତାକୁ ତାଙ୍କ ସାମନାରେ ଏମିତି ଅଜାଡି ଦିଅନ୍ତୁ ଯେମିତି ତାଙ୍କର ଲେଜି ଲେଜି ମନ କ୍ରେଜି ହୋଇଯିବ।

**ପ୍ରଶ୍ନ:** ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଏହି ସମୟରେ ତାକୁ ପ୍ରେମ ନିବେଦନ କଲେ କିଛି ଭୁଲ ହେବ କି ?

-ପ୍ରମୋଦ କୁମାର, ବାଲେଶ୍ୱର

**ଉତ୍ତର:** ପ୍ରେମ ଆରମ୍ଭରୁ ଯଦି ଗୋଟିଏ ପାଦ ଆଗକୁ ଗୋଟିଏ ପାଦ ପଛକୁ ପକାଇବେ ତେବେ ସେଇଠି ହିଁ ଲଟକି ରହିଥିବେ। ତା' ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି ? ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। କାରଣ ଚାନ୍ସ ଯଦି ଥରେ ଖସିଗଲା ତେବେ ପୁଣି ଥରେ ଆସିବ କି ନାହିଁ କିଏ କହିବ ? ବାସ୍, ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତି ଏକାଥରେ ଆପଣଙ୍କ ପ୍ରେମ ମିଶନ୍ ସକସେସ୍ ହୋଇଯିବ।

**ପ୍ରଶ୍ନ:** ଥରେ ଟ୍ରେନ୍‌ରେ ଯିବା ବେଳେ ଜଣେ ଝିଅ ସହ ମୋର ଭେଟ ହେଲା। ସେହି ସମୟରେ ମୁଁ ତା' ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ଼। ଏବେ କ'ଣ କରିବି ଜାଣିପାରୁନି।

-ଅମର ପରିଡା, କଟକ

**ଉତ୍ତର:** ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ ରହିଛି। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ଯଦି ସେ ଝିଅ ବୟସରେ ବଡ଼ ଆଉ ଆପଣଙ୍କ ସହ ସେ ପ୍ରେମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ସେ ଆପଣଙ୍କଠାରୁ କେତେ ବଡ଼ ତାହା ଜାଣି ନେବା ନିହାତି ଦରକାର। ନ ହେଲେ ବୟସର ତାରତମ୍ୟତା ଭବିଷ୍ୟତରେ ଟେନ୍‌ସନ୍‌ର କାରଣ ହୋଇ ଠିଆ ହେବ। ତେଣୁ ଭାବି ଚିନ୍ତି ଏ କ୍ଷେତ୍ରରେ ନିଷ୍ପତ୍ତି ନିଅନ୍ତୁ। କାହା ପରାମର୍ଶରେ ଆଗେଇଲେ ହୁଏତ ଅସୁବିଧା ସୃଷ୍ଟି ହୋଇପାରେ। ତେଣୁ ଦେଖିଚାହିଁ ଏପରି ନିଷ୍ପତ୍ତି ନିଅନ୍ତୁ ଯେମିତି ଆପଣଙ୍କ ମନରେ ଖୁସିର ଲହରି ଖେଳିଯିବ।

# ଦେଶୀ ଧାନ ବିହନ ସଂଗ୍ରାହକ







**ପି**ଲାଦିନରୁ ତାଙ୍କର ଚାଷ ପ୍ରତି ଇଚ୍ଛା ଥିଲା। ଶିକ୍ଷକତାରୁ ଅବସର ପରେ ସେ ଏବେ ଲୋପପାଇ ଆସୁଥିବା କେତେକ ଦେଶୀ ଧାନ ବିହନକୁ ସଂଗ୍ରହକରି ସାଇତି ରଖିବା ସହ ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି ଏବଂ ପ୍ରାକୃତିକ ଉପାୟରେ ତାହାର ସଂରକ୍ଷଣ କରିଥାନ୍ତି। ପ୍ରାୟ ୪୫୦ କିସମର ଦେଶୀଧାନ ବିହନକୁ ସେ ସାଇତି ରଖିଛନ୍ତି। ବିଭିନ୍ନ ପ୍ରକାର ଦେଶୀଧାନର ଉପକାରିତା ଓ ଜୈବିକ ଚାଷ ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛନ୍ତି। ପୁଣି ଘର ସାମ୍ନା ବଗିଚାରେ ରୁଦ୍ରାକ୍ଷ, ଅଳେଇଚ, ପିପଳି, ଘିକୁଆଁରୀ, ରକ୍ତଚନ୍ଦନ ଆଦି ବୃକ୍ଷଲତା ଲଗାଇ ତା'ର ଯତ୍ନ ନେଇଥାନ୍ତି। ସେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ଅଧୀନ ମଦେଗାଁର **ଶଙ୍କର ପ୍ରସାଦ ପଟ୍ଟନାୟକ**। ମାତା ପ୍ରେମଲତା ଦେବୀ, ପିତା କୃଷ୍ଣଚନ୍ଦ୍ର ପଟ୍ଟନାୟକ। ସେ କୁହନ୍ତି, 'ଶିକ୍ଷକତାରୁ ଅବସର ନେବା ପରେ ଗାଁରେ କିଛି କରିବା ପାଇଁ ଚିନ୍ତା କରିଥିଲି। ଏଥିପାଇଁ ଘରେ ସାଇତା ହୋଇ ରହିଥିବା ଅଳ୍ପ ପରିମାଣର ଦେଶୀଧାନ ବିହନକୁ ଜୈବିକ ପଦ୍ଧତିରେ ଚାଷକଲି। ଭଲ ଅମଳ ହୋଇଥିଲା। ୨୦୧୫ ମସିହାରେ ଗାଁରେ ଥିବା ପୈତୃକ ଜମିରେ ଦେଶୀ ବିହନ ଓ ଅଳ୍ପକିଛି ହାଇବ୍ରିଡ୍ ବିହନ ବୁଣିଥିଲି। ଜୈବିକ ପଦ୍ଧତିରେ ଚାଷ ହୋଇଥିବା ଧାନ ଭଲ ଅମଳ ଦେଲା। ଏହାର ଉତ୍ପାଦନକୁ ପରୀକ୍ଷା କରିଥିଲି। ଏହାର ଔଷଧୀୟ ଗୁଣବତ୍ତା ନଷ୍ଟ ହୋଇ ନ ଥିଲା। ସେହିଦିନଠାରୁ ଗୋଟିଏ ଗୋଟିଏ କିସମର ଦେଶୀ ଧାନ ବିହନ ସଂଗ୍ରହକରିବା ଅଭିଯାନ ଆରମ୍ଭ କରିଦେଇଛି। କିନ୍ତୁ ଲୋପପାଇବାକୁ ଯାଉଥିବା କେତେକ ଦେଶୀ ଧାନ ବିହନକୁ ସଂଗ୍ରହ ପାଇଁ ରାଇପୁର, ଆସାମ, ରାଜସ୍ଥାନ, ଜଗଦଲପୁର, ବରଗଡ଼, କଳାହାଣ୍ଡି, ଜୟପୁର, କୋଟଗଡ଼, କୋରାପୁଟର କେତେକ ଆଦିବାସୀ ଅଞ୍ଚଳକୁ ଯାଉଥିଲି।



ତା'ପରେ ସଂଗ୍ରହକରି ଆଣିଥିବା ଧାନବିହନକୁ ପରୀକ୍ଷାମୂଳକ ଭାବେ ଜୈବିକ ପଦ୍ଧତିରେ ଚାଷକରିବା ପ୍ରୟାସ ଜାରିରଖିଛି। ୬୦ରୁ ୧୬୦ ଦିନ ମଧ୍ୟରେ ଅମଳ ହୋଇପାରୁଥିବା ଦେଶୀବିହନକୁ ଚାଷକରି ସଫଳତା ପାଇଛି। ପ୍ରାୟ୧୭ ଏକର ପୈତୃକ ଜମିରେ ପ୍ରଥମବର୍ଷ ୬ଟି କିସମର ଦେଶୀଧାନ ବିହନ, ତା' ପରବର୍ଷ ୩୦ କିସମର ଏବଂ ୩ୟ ଓ ଚତୁର୍ଥ ବର୍ଷରେ ପ୍ରାୟ ୪ଶହ ପ୍ରକାର ବିଭିନ୍ନ ଦେଶୀକିସମର ବିହନକୁ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଜମିର ଅଳ୍ପ ଅଳ୍ପ ସ୍ଥାନରେ ଚାଷ କରିଥିଲି। କେବଳ ଧାନ ବିହନ ନୁହେଁ, ପ୍ରାୟ ୨୫ପ୍ରକାର ମାଣ୍ଡିଆ କିସମକୁ ସଂରକ୍ଷଣକରି ରଖିବା ସହ ତାହାକୁ ଚାଷ ବି କରିଥାଏ। ଯେଉଁ ବିହନର ଔଷଧୀୟ ଗୁଣବତ୍ତା ରହିଥାଏ ତାହାକୁ ସଂଗ୍ରହକରି ସଂରକ୍ଷଣ କରିଥାଏ। ପ୍ରତ୍ୟେକ ବିହନ ମଧ୍ୟରେ ଏକ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଜୀବିତ ରହିବାର ସାମର୍ଥ୍ୟ ରହିଥାଏ। ସେହି ନିର୍ଦ୍ଦିଷ୍ଟ ସମୟ ସରିଗଲା ପରେ ବୀଜ ମଧ୍ୟରେ ରହିଥିବା ଭ୍ରୁଣଟି ଶୁଷ୍କ ହୋଇ ନିଷ୍କ୍ରିୟ ହୋଇପଡ଼େ। କିନ୍ତୁ ବାହାରୁ ଦେଖିବାକୁ ଗଲେ ବୀଜଟି ସବୁଜ ସତେଜ ଦେଖାଯାଉଥିଲେ ମଧ୍ୟ ଏହାର ଅଙ୍କୁରୋଦ୍‌ଗମ କ୍ଷମତା ଲୋପ ପାଇସାରିଥାଏ। ସେହି ବିହନକୁ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ପୁନଃ ଅଙ୍କୁରୋଦ୍‌ଗମ (ରି-ଜେନେରେଶନ) କରିବାକୁ ପଡ଼ିଥାଏ। ଫଳରେ ଅଙ୍କୁରୋଦ୍‌ଗମ କ୍ଷମତା ନଷ୍ଟହେବା ପୂର୍ବରୁ ଉକ୍ତ ବିହନକୁ ଚାଷକରି ସେଥିରୁ ଗୁଣବତ୍ତା ବିହନ ସଂଗ୍ରହକରି ତାହାର ସଂରକ୍ଷଣ କରିଥାଏ। ବିଭିନ୍ନ କିସମର ଧାନବିହନ ଓ ଧାନକେଣ୍ଡାକୁ ସାଇତି ରଖିବା ପାଇଁ ମାଟିପାତ୍ରର ବ୍ୟବହାର କରିଥାଏ। ଆଜି ମୋ ପାଖରେ ସଂରକ୍ଷଣ ହୋଇ ରହିଥିବା ଧାନବିହନ ମଧ୍ୟରେ ୧୨ପ୍ରକାର ବାସମତି, ସୀତାଭୋଗ, ବିଷ୍ଣୁଭୋଗ, ତୁଳସୀବାସ, କଳାଜିରା, ବାଦସାଭୋଗ, ଦେବାନ, ସୁନାକାଠି, ସୁନାଖଡ଼ିକା, ଗନ୍ଧରାଜ, ତୁଳସୀଜୁହା, କଳାମଲିଫୁଲ, କଳାଭାତ, କଳାବତୀ, ବର୍ମାବ୍ଲାକ୍ ରାଇସ୍, ଆସାମ ବ୍ଲାକ୍ ରାଇସ, କରଞ୍ଜିକଷାର ଆଦି ରହିଛି। ଏହାବାଦ ମୁଁ ଦେଶୀଧାନ ସଂଗ୍ରହ ପାଇଁ ଚାଷୀଙ୍କୁ ଉତ୍ସାହିତ କରିଥାଏ । ଚାଷୀଙ୍କୁ ଦେଶୀ ଧାନ ବିହନ ବଣ୍ଟନକରି ଜୈବିକ ଚାଷକୁ ଗୁରୁତ୍ୱ ଦେଇଆସୁଛି। ଅନ୍ୟପକ୍ଷେ ଜମିରେ ରାସାୟନିକ ସାର ପ୍ରୟୋଗ ଦ୍ୱାରା ଜମିର ଉର୍ବରତା ନଷ୍ଟ ହୋଇଥାଏ ବୋଲି ବୁଝାଏ। ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ କୃଷିମେଳା ଓ ବିଭିନ୍ନ କୃଷି ପ୍ରଦର୍ଶନରେ ଯୋଗଦେଇଥାଏ। ସଂଗ୍ରହକରି ରଖିଥିବା ବିହନ ମଧ୍ୟରୁ ପ୍ରାୟ ୪୨ ପ୍ରକାର ଧାନ ଭୁବନେଶ୍ୱର ସ୍ଥିତ ବିହନ ଗବେଷଣା କେନ୍ଦ୍ରକୁ ଦେଇଛି। ତାହାକୁ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯାଉଛି। ଏଥିଯୋଗୁ ବିଭିନ୍ନ ସଂସ୍ଥାରୁ ସମ୍ମାନିତ ଓ ପୁରସ୍କୃତ ହୋଇଛି। କଳାଜିରା ଧାନକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ପାଇଁ ଏକ ଜୈବିକ ଫାର୍ମର କମ୍ପାନୀ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଦେଶୀ ଧାନବିହନକୁ ଜୈବିକ ପଦ୍ଧତିରେ ଚାଷ କଲେ ଖାଦ୍ୟର ଗୁଣବତ୍ତା ଓ ଉପକାରିତା କିପରି ବଜାୟ ରହେ ସେ ସମ୍ପର୍କରେ ଜନସଚେତନତା କରିଥାଏ।



# କାଠକଣ୍ଢେଇ ଦେଇଛି ପରିଚୟ

**ବି**ଭିନ୍ନ ଖେଳନା ପରି କାଠ କଣ୍ଢେଇ ଦିନେ ଖୁବ୍ ଲୋକପ୍ରିୟ ଥିଲା। ଆଜି ଚାହିଦା କିଛିଟା କମିଛି ସତ, ତଥାପି ଖେଳଣା ଓ ଘରୋଇ ସାଜସଜ୍ଜା ପାଇଁ ଏହାକୁ ଅନେକେ ଖୋଜୁଛନ୍ତି। ଯେଉଁଥିପାଇଁ ଏହି କାଠ କଣ୍ଢେଇକୁ ବୃତ୍ତି କରି ଏବେ ବି କିଛି ପରିବାର ପ୍ରତିପୋଷଣ କରିବା ସହ ଏହି କଳାକୁ ବଞ୍ଚାଇ ରଖିଛନ୍ତି। ଏମିତି ଜଣେ ଶିଳ୍ପୀ ହେଲେ କେନ୍ଦୁଝର ଜିଲା ଜଡ଼ିପଦା ଗାଁର ଶିଳ୍ପୀ **ଚକ୍ରଧର ପରିଡ଼ା**। ସେ କୁହନ୍ତି, 'ମୁଁ ଜଣେ ପପେଟର, ମୋର ଶିକ୍ଷା ମାଟ୍ରିକ୍। ସ୍କୁଲ ବୟସରୁ କଣ୍ଢେଇ ନୃତ୍ୟ ଦେଖିବାକୁ ବହୁତ ଭଲପାଉଥିଲି। ପରବର୍ତ୍ତୀ ସମୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ କଣ୍ଢେଇ ତିଆରି ପ୍ରଶିକ୍ଷଣ ଓ ମଞ୍ଚ ଉପଯୋଗୀ ତାଲିମ ନେଲି। ପରେ ଦେବଶିଳ୍ପୀ ବିଶ୍ୱକର୍ମା କଣ୍ଢେଇ ନାଚ ଅନୁଷ୍ଠାନ ଗଢ଼ିଲି। ବିଭିନ୍ନ ବିଷୟ ଅନୁଯାୟୀ କଣ୍ଢେଇ ନୃତ୍ୟରେ ଆବଶ୍ୟକ ପଡୁଥିବା କଣ୍ଢେଇଗୁଡ଼ିକୁ ତିଆରି କଲି। ଯାହା ମତେ ଲୋକପ୍ରିୟ କରାଇଲା। ଏଥିପାଇଁ ଆବଶ୍ୟକ ପଡୁଥିବା କାଠ ମଧ୍ୟରେ ପାଲଧୁଆ, ଫାଶୀ, ଗମ୍ଭାରୀ ଆଦି ଗଛର କାଠ ବ୍ୟବହାର କରାଯାଏ। ପ୍ରଥମେ କାଠକୁ ସାଇଜକରି କଟାଯାଇଥାଏ। ତା'ପରେ ଆବଶ୍ୟକ ଚିତ୍ର ତଥା ପରିକଳ୍ପନା କରାଯାଇଥିବା ଚିତ୍ରକୁ କାଠରେ ଅଙ୍କନ କରାଯାଇ ନିହାଣରେ ସେହି କାଠକୁ ଅତି ଯତ୍ନର ସହ କଟାଯାଇ ମୂର୍ତ୍ତି ତିଆରି କରାଯାଇଥାଏ। କାଠ ଖୋଦନ ବେଳେ କଳାକୃତି ପ୍ରତି ନଜର ରଖିବାକୁ ପଡ଼ିଥାଏ। କାଠଖୋଦନ ହସ୍ତଶିଳ୍ପ ମଧ୍ୟରେ ପୌରାଣିକ ବିଷୟକୁ ନେଇ ଆଧାରିତ ହନୁମାନ, ରାବଣ, ବକାସୁର, ନାଗଦେବ, ବିଲୁଆ, ଗାଇ, ବାଘ, ବାଛୁରୀ, ବଗ, ଠେକୁଆ, ଗଛ, ଡଙ୍ଗା, ଶଗଡ଼ ଆଦି ତିଆରି କରାଯାଇଥାଏ। ଶୁଆଶାରୀ, ବିଭିନ୍ନ ପକ୍ଷୀ, ରାଜାରାଣୀ ଖେଳନା ମଧ୍ୟ ତିଆରି କରାଯାଇଥାଏ। ଏବେ ମୁଁ ଏହି କଳାକୁ ବଞ୍ଚାଇ ରଖିବାର ପ୍ରୟାସ ଜାରି ରଖିଛି।

–ବନବିହାରୀ





ଧାରାଶ୍ରାବଣୀ

## ହାଃ ହାଃ

### ମାର୍କ

ବାପା ମୁନାକୁ: ତୋର ଗଣିତରେ କେତେ ମାର୍କ ଆସିଛି ?

ମୁନା: ମୋର ମାର୍କ ସାନୁଠୁ ୨୦ ମାର୍କ କମ୍।

ବାପା: ଆଚ୍ଛା ସାନୁ କେତେ ମାର୍କ ଆଣିଥିଲା ?

ମୁନା: ତା'ର ୨୦ ମାର୍କ ଆସିଥିଲା।

### ଛୋଟ

ଲିପୁନ ସିପୁକୁ: ଜାଣିଛୁ ସାଙ୍ଗ ମୋ ମନ ଭାରି ଦୁଃଖୀ। କାଲି ମୁଁ ଏଇ ସାବୁନ୍‌ରେ ମୋ ସାର୍ଟ ସଫା କଲି ଯେ, ମୋ ସାର୍ଟ ଛୋଟ ହେଇଗଲା। ତାକୁ ମୁଁ ଆଉ ପିନ୍ଧିପାରିବିନି।

ସିପୁ: ଏଥିରେ ମନ ଦୁଃଖ କରିବାର କ'ଣ ଅଛି ? ଗୋଟେ କାମ କରେ ସେଇ ସାବୁନ୍‌ରେ ତୁ ନିଜେ ଗାଧୋଇପଡ। ତୁ ବି ଛୋଟ ହେଇଯିବୁ। ତୋ ସମସ୍ୟା ଦୂର ହେଇଯିବ।

### ଖୋଲିଥିଲା

ରାଜେଶ ଗୋବିନ୍ଦକୁ: ତୋ' ସାନ ଭାଇ ଏବେ କ'ଣ କରୁଛି ?

ଗୋବିନ୍ଦ: ଗୋଟେ ଦୋକାନ ଖୋଲିଥିଲା। ହେଲେ ଏବେ ସେ ଜେଲ୍‌ରେ ଅଛି।

ରାଜେଶ: ଓଃ, ହେଲେ ଜେଲରେ କାହିଁକି ? ଏମିତି କୋଉ ଦୋକାନ ଖୋଲିଥିଲା କି ?

ଗୋବିନ୍ଦ: ସେ ମାଧବର ଦୋକାନକୁ ହାତୁଡିରେ ଭାଙ୍ଗିକି ଖୋଲିଥିଲା।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧, **ଫଟୋ: କୁମାର ଶରତ, ଧରିତ୍ରୀ, କଷ୍ଟ୍ୟୁମ: ପ୍ରିତମ୍ ନାୟକ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।







# ନୂଆବର୍ଷରେ ବୁଲାବୁଲି

**ନୂଆବର୍ଷକୁ ନେଇ କାହାର କେତେ ଯୋଜନା ରହିଥାଏ। କିଏ ପାର୍ଟି, ଫଙ୍କସନ୍‌ର ଆୟୋଜନ କରିଥାନ୍ତି ତ ଆଉ କିଏ ପରିବାର ସଙ୍ଗେ ନୂଆ କେଉଁ ସ୍ଥାନକୁ ବୁଲିଯିବାକୁ ପ୍ଲାନିଂ କରିଥାନ୍ତି। ଯଦି ଆପଣଙ୍କର ବି ସେମିତି କିଛି ଯୋଜନା ରହିଥାଏ, ତା'ହେଲେ ଏଠାରେ କିଛି ଖାସ୍ ଡେଷ୍ଟିନେଶନ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯେଉଁଠିକୁ ବୁଲିଗଲେ ନୂଆବର୍ଷର ଛୁଟି ବେଶ୍ ଆନନ୍ଦ ଉଲ୍ଲାସରେ କଟିବା ସହ କିଛିଟା ନିଆରା ଅନୁଭୂତିକୁ ସାଉଁଟି ହେବ...**

✻ **ଗୋକର୍ଣ୍ଣ:** ଯେଉଁ ପର୍ଯ୍ୟଟକଙ୍କୁ କୋଳାହଳ ବେଶୀ ପସନ୍ଦ ନୁହେଁ, ସେମାନଙ୍କ ପାଇଁ ନୂଆବର୍ଷରେ ବୁଲିଯିବା ପାଇଁ କର୍ନାଟକର ଉତ୍ତର କନ୍ନଡ ଜିଲା ଅନ୍ତର୍ଗତ ଗୋକର୍ଣ୍ଣ ଏକ ପରଫେକ୍ଟ ଡେଷ୍ଟିନେଶନ ହୋଇପାରେ। କାରଣ ଏଠାକାର ଶାନ୍ତ ତଥା ଆଧ୍ୟାତ୍ମିକ ପରିବେଶ ମନକୁ ବେଶ୍ ଶାନ୍ତି ପ୍ରଦାନ କରିଥାଏ। ଗୋକର୍ଣ୍ଣ ହେଉଛି କର୍ନାଟକର ଏକ ଟେମ୍ପଲ ଟାଉନ୍। ଏଠାରେ ମହାଦେବଙ୍କର ଏକାଧିକ ମନ୍ଦିର ଥିବାର ଦେଖିବାକୁ ମିଳେ। ମହାବଳେଶ୍ୱର ହେଉଛି ଏଠାକାର ଏକ ପ୍ରମୁଖ ଶୈବପୀଠ। ତା'ଛଡ଼ା ସମୁଦ୍ର ଉପକୂଳରେ ଥିବା ଏହି ଟାଉନରେ ଏକାଧିକ ବେଳାଭୂମି ଥିବାର ମଧ୍ୟ ପର୍ଯ୍ୟଟକ ଦେଖିପାରିବେ। କହିବାକୁ ଗଲେ ବିଚ୍ ଟ୍ରେକର୍ସଙ୍କ ପାଇଁ ଗୋକର୍ଣ୍ଣ କୌଣସି ସ୍ୱର୍ଗଠାରୁ କମ୍ ନୁହେଁ। ତେଣୁ ନୂଆବର୍ଷ ଅବସରରେ ପର୍ଯ୍ୟଟକ ଏଠାକୁ ଯାଇ ଭଗବାନଙ୍କୁ ଦର୍ଶନ କରିବା ସହ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିପାରିବେ।

✻ **ଉଦୟପୁର:** 'ସିଟି ଅଫ୍ ଲେକ୍ସ' ଭାବେ ପରିଚିତ ରାଜସ୍ଥାନର ଉଦୟପୁରରେ ବି ପର୍ଯ୍ୟଟକ ବେଶ୍ ଆନନ୍ଦ ଉଲ୍ଲାସରେ ନୂଆବର୍ଷର ଛୁଟିକୁ କଟାଇପାରିବେ। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଏଠାରେ ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ; ଯାହାର ମଜା ନେବା ସହ ପର୍ଯ୍ୟଟକ ଏଠାରେ ଥିବା ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଯେମିତିକି: ସିଟି ପ୍ୟାଲେସ୍, ଜାଗ୍ ମନ୍ଦିର, ମନ୍‌ସୁନ୍ ପ୍ୟାଲେସ୍, ଜଗଦିଶ୍ ମନ୍ଦିର, ଲେକ୍ ପ୍ୟାଲେସ୍ ଇତ୍ୟାଦି ବୁଲି ଦେଖିପାରିବେ। ତା'ଛଡ଼ା ଉଦୟପୁରର ସଂସ୍କୃତି ଓ ପରମ୍ପରା ବି ବେଶ୍ ମନଛୁଆଁ ହୋଇଥାଏ ; ଯାହା ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ପ୍ରଦାନ କରିଥାଏ। କେବଳ ଉଦୟପୁର କାହିଁକି 'ଦି ଗୋଲ୍ଡେନ୍ ସିଟି' ଭାବେ ପରିଚିତ ରାଜସ୍ଥାନର ଜୈସଲ୍‌ମେର୍ ଏବଂ ପିଙ୍କ୍ ସିଟି ଭାବେ ପରିଚିତ ରାଜସ୍ଥାନର ଜୟପୁରକୁ ବି ନୂଆବର୍ଷରେ ବୁଲିଯାଇ ବେଶ୍ ଖୁସିରେ ଛୁଟି କଟାଇହେବ।

✻ **ଗୋଆ:** ଗୋଆ ଏମିତି ଏକ ସ୍ଥାନ ଯେଉଁଠାକୁ ବର୍ଷର ସବୁ ସମୟରେ ବୁଲିଯାଇହେବ। ନୂଆବର୍ଷ ଅବସରରେ ଏଠାରେ ଯେଉଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ତାହାର ତ କଳନା କରିହେବ ନାହିଁ। ଗୋଆର ଚାରିଆଡକୁ ରଙ୍ଗିନ ଆଲୋକମାଳାରେ ଖୁବ୍ ସୁନ୍ଦର ଭାବେ ସଜାଯିବା ସହ ମ୍ୟୁଜିକ୍ ଫେଷ୍ଟିଭାଲ୍‌ର ଆୟୋଜନ ଏଠାକାର ମାହୋଲକୁ ବେଶ୍ ଉତ୍ସବମୁଖର କରିଦିଏ। ଗୋଆ ବିଚ୍ ନିକଟରେ ବି ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଝଲକ ଦେଖିବାକୁ ମିଳିଥାଏ, ଯାହା ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ଦେଇଥାଏ।

✻ **ଦିଲ୍ଲୀ:** ଏଠାରେ ବି ନୂଆବର୍ଷ ଅବସରରେ ମ୍ୟୁଜିକାଲ୍ ନାଇଟ୍ସର ଆୟୋଜନ କରାଯାଇଥାଏ। ପର୍ଯ୍ୟଟକ ଏହାର ଭରପୂର ମଜା ନେବା ସହ ପରେ ଏଠାରେ ଥିବା ଅନେକ ଧାର୍ମିକ ସ୍ଥଳ, ଐତିହାସିକ ପର୍ଯ୍ୟଟନସ୍ଥଳୀ ତଥା ବହୁ ପୁରାତନ ସଂଗ୍ରହାଳୟମାନ ଦେଖିବାକୁ ମଧ୍ୟ ଯାଇପାରିବେ। ଖାସ୍‌କରି ଏଠାକାର ଲାଲ୍‌କିଲା, କୁତବମିନାର୍, ଲୋଟସ୍ ଟେମ୍ପୁଲ, ଇଣ୍ଡିଆ ଗେଟ୍ ଇତ୍ୟାଦିକୁ ବୁଲି ଦେଖିବା ସହ ଅନେକ ତଥ୍ୟ ମଧ୍ୟ ଜାଣିପାରିବେ। କେବଳ ସେତିକି ନୁହେଁ ନୂଆବର୍ଷ ଅବସରରେ ଦିଲ୍ଲୀରେ ଶପିଂ କରିବା ସହ ବିଭିନ୍ନ ସୁସ୍ୱାଦୁ ଭୋଜନର ବି ମଜା ନେଇପାରିବେ।

✻ **ପୋନମୁଡ଼ି:** କେରଳର ଥିରୁଭାନନ୍ତପୁରମ୍ ଜିଲାରେ ଅବସ୍ଥିତ ପୋନମୁଡ଼ିର ପ୍ରାକୃତିକ ପରିବେଶ ଏତେ ଆକର୍ଷଣୀୟ ଯେ, ଯେ କୌଣସି ପର୍ଯ୍ୟଟକଙ୍କ ମନକୁ ଏହା ମୋହି ନେଇଥାଏ। ଜଙ୍ଗଲ ପରିବେଷ୍ଟିତ ଏହି ପାହାଡ଼ିଆ ସ୍ଥାନଟିରେ ପର୍ଯ୍ୟଟକ ଅନେକ ଜଳପ୍ରପାତ, ପ୍ରାୟ ଦୁଇ ଶହରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଏବଂ ଶତାଧିକ ପ୍ରଜାତିର ପ୍ରଜାପତି ଦେଖିବାକୁ ପାଇବେ। କେବଳ ସେତିକି ନୁହେଁ ଏହାର ଆଖପାଖ ଅଞ୍ଚଳରେ ଏମିତି ବି କେତେକ ପର୍ଯ୍ୟଟନସ୍ଥଳୀ ରହିଛି, ଯାହାର ଆକର୍ଷଣରେ ଆକର୍ଷିତ ହୋଇ ପର୍ଯ୍ୟଟକମାନେ ଏଠାରେ ନୂଆବର୍ଷର ଛୁଟିକୁ ବେଶ୍ ଆନନ୍ଦରେ କଟାଇପାରିବେ।

ଏହାଛଡ଼ା ପର୍ଯ୍ୟଟକ ଚାହିଁଲେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ବେଙ୍ଗାଲୁରୁ, କସୌଲି, ଲାକ୍ଷାଦ୍ୱୀପ, ମନାଲି ଭଳି ସ୍ଥାନକୁ ବି ନୂଆବର୍ଷ ଅବସରରେ ବୁଲିଯାଇ ଅନେକ ନିଆରା ଅନୁଭୂତି ସାଉଁଟିପାରିବେ।







# ଗୁଲାବ ଜାମୁନ୍ ମିଠାର କଥା



**ନୂଆବର୍ଷରେ ବନ୍ଧୁବାନ୍ଧବ ଘରକୁ ଯାଆନ୍ତୁ କି ସାଙ୍ଗସାଥୀ ଘରକୁ ଯାଆନ୍ତୁ କିଛି ମିଠା ତ ନିଶ୍ଚୟ ସାଥୀରେ ନେବେ । ବିଭିନ୍ନ ପ୍ରକାର ମିଠା ଭିତରେ ଗୁଲାବ ଜାମୁନ୍ ଅନ୍ୟତମ। ଏହି ମିଠା ଅନେକଙ୍କର ପସନ୍ଦ । ହେଲେ କେବେ ଭାବିଛନ୍ତି କି ଏହି ମିଠାର ନାଁ ଗୁଲାବ ଜାମୁନ୍ କ'ଣ ପାଇଁ ହେଲା ? ଜାଣନ୍ତୁ ସେ ସମ୍ପର୍କରେ...**

ନାଁଟି ଗୁଲାବ ଜାମୁନ୍, ହେଲେ ନାଁ ଏଥିରେ ଗୋଲାପ ପଡୁଛି ନା ଏହାର ଜାମୁନ୍ ବା ଜାମୁକୋଳି ସହ କୌଣସି ସମ୍ପର୍କ ଅଛି। ତେବେ ଏହାର ନାମ ଏଭଳି କାହିଁକି ହେଲା ଅନେକଙ୍କ ମନରେ ପ୍ରଶ୍ନ ନିଶ୍ଚୟ ଆସିଥିବ। ଏଥର ଜାଣିବା ସେ ସମ୍ପର୍କରେ।

ଭାରତରେ କୌଣସି ଉତ୍ସବ ହେଉ କି ଖୁସିର ଅବସର ଅବା ବିବାହ ଓ ପାର୍ଟି, ଏହି ମିଠା ନିଶ୍ଚିତଭାବେ ଥାଏ। ଏହି ମିଠା ପଛରେ ଏକ ସୁନ୍ଦର ଓ ରୋଚକ କଥା ରହିଛି। ଗୁଲାବ ଜାମୁନ୍‌ର 'ଗୁଲାବ' ଶବ୍ଦ ଫାର୍ସୀ ଭାଷାରୁ ଉଦ୍ଧୃତ, ଯାହା ମଧ୍ୟରୁ 'ଗୁଲ୍'ର ଅର୍ଥ ହେଉଛି 'ଫୁଲ' ଓ 'ଆବ୍'ର ଅର୍ଥ 'ପାଣି'। ଯେତେବେଳେ ଏହି ମିଷ୍ଟାନ୍ନକୁ ତିଆରି କରାଯାଇଥିଲା ଏହାକୁ ଗୋଲାପ ଜଳ ମିଶ୍ରିତ ଚିନି ଶିରାରେ ବୁଡାଯାଉଥିଲା। ସେଥିପାଇଁ ଏହାର ନାମ 'ଗୁଲାବ' ରଖାଗଲା। ଅନ୍ୟପକ୍ଷେ ଏହାର ଆକାର ଗୋଲ ଜାମୁନ୍ ବା ଜାମୁକୋଳି ଫଳ ଭଳି ଗୋଲ। ତେଣୁ ସେଥିରେ 'ଜାମୁନ୍'ଶବ୍ଦ ଯୋଡ଼ାଗଲା। ଅର୍ଥାତ୍ ଗୁଲାବ ଜାମୁନ୍‌ର ଆକାର ଓ ଚିନି ଶିରାରେ ବୁଡା ଯାଉଥିବାକୁ ନେଇ ଏହାର ନାମକରଣ ହୋଇଛି। ଇତିହାସର କିଛି ତଥ୍ୟ କହେ ଦ୍ୱାଦଶ ଶତାବ୍ଦୀର ମାନାସୋଲାସାରେ ଲିପିବଦ୍ଧ ଅଛି ଯେ, ସେ ସମୟରେ ଗୁଲାବ ଜାମୁନ୍ ପରି ଏକ ମିଠା ଯାହାକୁ ଛେନା ଓ ଚାଉଳ ଗୁଣ୍ଡକୁ ମିଶାଇ ଗୋଲ ଗୋଲ କରି ଛଣାଯାଇ ତାକୁ କାର୍ଡାମମ୍ ସେଣ୍ଟେଡ୍ ସିରପ୍‌ରେ ବୁଡା ଯାଉଥିଲା। ସେହିଭଳି ତ୍ରୟୋଦଶ ଶତାବ୍ଦୀରେ ଆରବର ଏକ ମିଷ୍ଟାନ୍ନ ଲୁକମତ-ଅଲ୍-କାଦୀର ଗୁଲାବ ଜାମୁନ୍ ସହ ଅନେକ ସାମଞ୍ଜସ୍ୟ ରହିଛି। ହେଲେ ସେହି ମିଷ୍ଟାନ୍ନକୁ ଭିନ୍ନ ଏକ ମିଶ୍ରଣରେ ପ୍ରସ୍ତୁତ କରାଯାଉଥିଲା। ହେଲେ ତାକୁ ରୋଜ ୱାଟର ସେଣ୍ଟେଡ ସିରପ୍‌ରେ ବୁଡାଯାଉଥିଲା। ଏହା ମଧ୍ୟ କୁହାଯାଏ ମଧ୍ୟଯୁଗରେ ଭାରତର କୋଲକାତାଠାରେ ମୋଗଲ ସାମ୍ରାଜ୍ୟବେଳେ ଏହି ମିଠା ଆରମ୍ଭ ହୋଇଥିଲା। ଏହାର ରଙ୍ଗ ପାଇଁ ଏହାକୁ କିଛି ସ୍ଥାନରେ କାଲା ଜାମୁନ ବି କୁହାଯାଏ। ଏହି ମିଠା ଭାରତ ସହ ପାକିସ୍ତାନ, ନେପାଳ, ମାଳଦୀପ,ମ୍ୟାନ୍‌ମାର ଓ ବାଂଲାଦେଶରେ ବି ଲୋକପ୍ରିୟ।



# ସବୁଠୁ ବଡ଼ ଚକୋଲେଟ୍ କଏନ୍

କଏନ୍ ଭଳି ଚକୋଲେଟ୍ ଅନେକେ ଦେଖିଥିବେ ଓ ଖାଇଥିବେ ବି। ହେଲେ ଆମେ ଏଠାରେ ଯେଉଁ କଏନ୍ କଥା କହୁଛୁ ତାହା ଏତେ ବଡ଼ ଯେ, ଜଣେ ଖାଇବା ଅସମ୍ଭବ। ମିଳିମିଶି ବହୁଜଣ ଖାଇଲେ ଯାଇ ତାହା ସରିବ। କାରଣ ଏହା ହେଉଛି ପୃଥିବୀର ସବୁଠୁ ବଡ଼ କଏନ୍ ଚକୋଲେଟ୍। ଇଟାଲୀର ସିଓକ୍କୋ ଶୋ'ରେ ଏହା ପ୍ରଦର୍ଶିତ ହୋଇଥିଲା। ରେକର୍ଡ ପାଇଁ ହିଁ ଏହି ଚକୋଲେଟ୍‌କୁ ତିଆରି କରାଯାଇଥିଲା। ଏହି ଚକୋଲେଟ୍ କଏନ୍‌ର ଓଜନ ଥିଲା ୬୫୮ କି.ଗ୍ରା., ବ୍ୟାସ ୬ ଫୁଟ ୫.୧୭ ଇଞ୍ଚ ଓ ମୋଟେଇ ୧୭ ସେ.ମି.। ଏଥିରେ ୫୬୦ କେଜିର ଡାର୍କ ଚକୋଲେଟ୍, ୧୦୮ କେଜିର ହ୍ୱାଇଟ୍ ଚକୋଲେଟ୍, ୨୦ କେଜିର କାର୍ଭଡ ଚକୋଲେଟ୍ ବ୍ୟବହାର କରାଯାଇଥିଲା। ରିନାଟୋ ଜୋଇଆ, ଡୋମିନିକୋ ଫଲକୋନ୍, ଲୁଇଗିଡର୍ନିଓଲୋ, ଆଞ୍ଜେଲୋ ସୋଦେରୋ ଆଦି ମିଶି ଉକ୍ତ ଚକୋଲେଟ୍ କଏନ୍‌କୁ ୨୨ ଘଣ୍ଟା ପରିଶ୍ରମ କରି ତିଆରି କରିଥିଲେ। ଚକୋଲେଟ୍ ସ୍ଥପତି ଷ୍ଟିଫାନୋ ଏବଂ ତୋମାସୋ କୋମେଲ୍ଲି ୧୨ଘଣ୍ଟା ସମୟ ନେଇ ଏହା ଉପରେ ଖୋଦେଇ କାମ କରିଥିଲେ। ଏହାକୁ ସିଲଭର୍ ଫଏଲ୍‌ରେ ର୍ୟାପ୍ ବି କରାଯାଇଥିଲା।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଦେବତା, ଭଗବାନ୍ ଓ ଈଶ୍ୱର

( ଭାଗ –୫)

**ପା**ଠକେ! ଆମେ ଗତ ମାସରେ 'ଉତ୍ପତ୍ତି ପ୍ରଳୟଂ ଚୈବ...' ଶ୍ଳୋକ ଆଧାରରେ ଶ୍ରୀକୃଷ୍ଣ ଯଦି ପ୍ରକୃତରେ ଭଗବାନ୍ ତେବେ ସେ କ'ଣ ଉତ୍ପତ୍ତି କରିପାରନ୍ତି ଉପରେ ଆଲୋଚନା କରୁଥିଲେ । ଶ୍ରୀକୃଷ୍ଣ କ'ଣ ଅସମ୍ଭବ ବସ୍ତୁ ବା ଜିନିଷ ସୃଷ୍ଟି କରିପାରନ୍ତି ପ୍ରକରଣରେ ଆମେ ତାଙ୍କ ଜନ୍ମ ଓ ବଡ଼ ହୋଇ ଗୁରୁଗୃହକୁ ଯାଇ ମାତ୍ର ୬୪ ଦିନରେ ୬୪ ପ୍ରକାର ବିଦ୍ୟାକୁ ଆୟତ୍ତ କରିଥିବା କଥା ଆଲୋଚନା କରିବା ସହିତ ଗୁରୁ ଦକ୍ଷିଣା ପ୍ରଦାନ ନିମନ୍ତେ ଗୁରୁ ସନ୍ଦୀପନିଙ୍କ ନିକଟକୁ ଯାଇଥିବା କଥା ମଧ୍ୟ ଆପଣଙ୍କୁ ଶୁଣାଇଥିଲି । ଏଇଠୁ ଆମେ ଟିକେ ପୁଣି ପଛକୁ ଫେରି ଆପଣଙ୍କୁ ଗୋଟିଏ ଛୋଟ କଥାଟିଏ କହି ପୁନଶ୍ଚ ଆମ ଧାରାରେ ଆମେ ଗତିକରିବା । ପଛକୁ ଫେରିବାର କାରଣ ହେଉଛି ଶ୍ରୀକୃଷ୍ଣଙ୍କ ଜନ୍ମ ପୂର୍ବରୁ ଯେତେବେଳେ ଦେବକୀଙ୍କର ପ୍ରଥମ ପୁତ୍ର ଜନ୍ମ ହେଲା ସେଇ ବିଷୟକ ଏକ ଛୋଟିଆ ଘଟଣାଟିକୁ ଆପଣଙ୍କୁ କହିବାକୁ ଭୁଲିଯାଇଥିଲି । ଉକ୍ତ ଘଟଣାଟିକୁ କହିବା ପାଇଁ ଗୋଟିଏ ପ୍ରଶ୍ନ ପଚାରି ମନେପକାଇଦେଲେ ଭୁବନେଶ୍ୱରର ଜଣେ ଜିଜ୍ଞାସୁ । ବୃତ୍ତିରେ ଅଧ୍ୟାପକ । ଗତ ଥରର ସ୍ତମ୍ଭ ପଢି ସେ ମୋତେ ଫୋନ କରି ନିଜ ଜିଜ୍ଞାସାକୁ ପ୍ରକଟ କରି କହିଲେ, ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ ମୃତ୍ୟୁର କାରଣ ହେବ ବୋଲି କଂସକୁ ତ ଶୂନ୍ୟବାଣୀ ହୋଇଥିଲା । ସେ କାହିଁକି ଦେବକୀଙ୍କ ପ୍ରଥମରୁ ଗୋଟିଏ ପରେ ଗୋଟିଏ ନବଜନ୍ମିତ ପୁତ୍ରମାନଙ୍କୁ କଚାଡ଼ି ମାରିପକାଇଲେ, ସେ ବିଷୟରେ ଟିକେ ଦୟାକରି ଆଲୋଚନା କରିବେ । ଲେଖକ କହିଲେ, ଠିକ୍ ଅଛି । ଆପଣଙ୍କ ପାଖରେ ଯଦି ଦୁଇ ମିନିଟ୍ ସମୟ ଅଛି ତେବେ ଏଇ ସଙ୍ଗେ ସଙ୍ଗେ ଆପଣଙ୍କ ଏ ଜିଜ୍ଞାସା ସମାଧାନ କରିଦେବା। ପ୍ରଶ୍ନକର୍ତ୍ତା କହିଲେ, ନାଇଁ ଆଜ୍ଞା ! ଆପଣଙ୍କ ଲେଖାଗୁଡ଼ିକ ଆମ ଭାଗବତ ଟୁଙ୍ଗିରେ ଆଲୋଚନା ହେଉଛି । ଯୁବକମାନେ ତ କେହି ଆସୁନାହାନ୍ତି । କିଛି ଅର୍ଥାତ୍ ସତୁରି ବା ଅଶୀତିପର ଆଠ ଦଶ ଜଣ ବୃଦ୍ଧ ଆସୁଛନ୍ତି । ସେଇମାନେ ହିଁ ଭାଗବତ ଟୁଙ୍ଗି ପରମ୍ପରାକୁ ବଜାୟ ରଖିଛନ୍ତି । ଆପଣଙ୍କ ଲେଖା ପ୍ରାୟତଃ ସେଇ ଭାଗବତ ଟୁଙ୍ଗିରେ ହିଁ ଆଲୋଚନା ହୁଏ । ସେଦିନ ଆଲୋଚନାରେ ଏଇ ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କିମାରିଥିଲା । ଆପଣଙ୍କୁ ପଚାରି ଶଙ୍କା ସମାଧାନ କରିବା ପାଇଁ ସେମାନେ ମୋତେ ଦାୟିତ୍ୱ ଦେଇଛନ୍ତି । ତେଣୁ ମୋ ପ୍ରଶ୍ନର ଉତ୍ତରକୁ ମୋତେ ଏବେ ନ କହି ଆପଣ ଲେଖା ମାଧ୍ୟମରେ ପ୍ରକାଶ କଲେ ତାହାକୁ ଭାଗବତ ଟୁଙ୍ଗିରେ ଜଣେ ପଢ଼ି ଅନ୍ୟମାନଙ୍କୁ ଶୁଣାଇଦେବ ।

ଶୂନ୍ୟବାଣୀ ପରେ ଆପାତତଃ କଂସ ଭୟଭୀତ ହୋଇଯାଇଥିଲେ । କିନ୍ତୁ ପର ମୁହୂର୍ତ୍ତରେ ବସୁଦେବଙ୍କ ସତ୍ୟ ତାଙ୍କୁ ସମ୍ପୂର୍ଣ୍ଣ ଆଶ୍ୱସ୍ତି ଆଣି ଦେଇଥିଲା । କାରଣ ଭିଣୋଇ ବସୁଦେବଙ୍କ ସତ୍ୟନିଷ୍ଠା ଉପରେ ତାଙ୍କର ଗଭୀର ବିଶ୍ୱାସ ଥିଲା । ତୀକ୍ଷ୍ଣ କରବାଳ ଧରି ଦେବକୀଙ୍କୁ ହତ୍ୟା କରିବା ପାଇଁ ଉଦ୍ୟତ ହେଉଥିବା ବେଳେ ବସୁଦେବ ହିଁ ସତ୍ୟ କରିଥିଲେ – ଦେବକୀ ଯେତେ ପ୍ରସବିବେ ତୁମ ନିକଟେ ଦେବି ସର୍ବ । ତଥାପି କଂସର ସନ୍ଦେହ ସମ୍ପୂର୍ଣ୍ଣ ଯାଇ ନ ଥିଲା । ତେଣୁ ଦେବକୀ ଶାଶୁଘରକୁ ଆଉ ଯିବେ କ'ଣ, କଂସ ସଦ୍ୟ ବିବାହିତା ଦେବକୀ – ବସୁଦେବଙ୍କୁ ଅଧା ବାଟରୁ ଫେରାଇ ଆଣି ବନ୍ଦୀଶାଳାରେ ରଖିଦେଲେ ।

ଦିନ ପରେ ଦିନ, ମାସ ପରେ ମାସ ଗଡ଼ିଚାଲିଲା । ଇତ୍ୟବସରରେ ଦେବକୀ ଗର୍ଭବତୀ ହେଲେ। ତାଙ୍କର ପ୍ରଥମେ ପୁତ୍ର ସନ୍ତାନଟିଏ ଜନ୍ମ ହେଲା। ଜନ୍ମ ହେଉ ହେଉ କଂସଙ୍କୁ ସମର୍ପଣ କରିବା ପାଇଁ ବସୁଦେବ ଧାଇଁଲେ ତାକୁ । ଦେବକୀଙ୍କ ଯାବତୀୟ ଅନୁନୟ ବସୁଦେବ ଉପରେ କିଛି ଫରକ ପକାଇଲା ନାହିଁ । ନବ ଜନ୍ମିତ ଶିଶୁକୁ ଧରି ସେ ସିଧା ମୁହାଁଇଲେ କଂସ ରାଜମହଲ ଆଡ଼କୁ। ବସୁଦେବ ହାତରେ ଶିଶୁକୁ ଦେଖି କଂସ ବେଶ୍ ଖୁସି ହେଲେ । ବସୁଦେବଙ୍କ ସତ୍ୟ ପ୍ରତି ଦୃଢ଼ ନିଶ୍ଚୟତାକୁ କିଛି ସମୟ ପାଇଁ ସେ ନିଜକୁ ଅମର ବୋଲି ମନେ କଲେ । ଭୁବନେଶ୍ୱରର ଜିଜ୍ଞାସୁ ଅଧ୍ୟାପକଙ୍କ ମନରେ ବା ଭାଗବତ ଟୁଙ୍ଗିର ସଦସ୍ୟମାନଙ୍କ ମନରେ ଯେଉଁ



ପ୍ରଶ୍ନଟି ଉଙ୍କିମାରିଛି ଠିକ୍ ସେଇ ପ୍ରଶ୍ନ ଏଠି କଂସଙ୍କ ମନକୁ ବି ଢୁକିଲା । ମୋର ତ ଶତ୍ରୁ ହେଉଛି ଅଷ୍ଟମ ଗର୍ଭ । ବସୁଦେବ ତ ଏମିତି ଗୋଟିଏ ପରେ ଗୋଟିଏ ଶିଶୁକୁ ଆଣି ମୋ ପାଖରେ ପହଞ୍ଚିବେ । ତେଣୁ ଏ ଶିଶୁକୁ ମାରିବି ଅବା କାହିଁକି – ଏ କଥା ଚିନ୍ତା କରି କଂସ ନିଜ ଶିଶୁ ଭଣଜାକୁ ବସୁଦେଙ୍କେ ସହ ବାହୁଡ଼ାଇ ଦେଲେ । ଆଉ କହିଲେ – ତୋହରେ ମଣିଲି ମୁଁ ସତ୍ୟ । ନିଅ ତୋହର ନିଜ ସୁତ । ଏକଥା କହି କାଳେ ହିସାବ ଭୁଲ୍ ହୋଇଯିବ ସେଥିପାଇଁ ପ୍ରଥମ ଗର୍ଭ ପାଇଁ କାନ୍ଥରେ ଏକ ଲମ୍ବାଗାର ଟାଣିଦେଲେ ।

ସବୁକିଛି ଠିକ୍ ଥିଲା । କିନ୍ତୁ କଂସଙ୍କ ଗଣିତକୁ ଦେବର୍ଷି ନାରଦ ହିଁ ଗୋଳମାଳିଆ କରିଦେଲେ । ଭଣଜା ଶିଶୁପୁତ୍ରକୁ ଫେରାଇଦେବା ପରେ ସତ୍ୟଦର୍ଶୀ ନାରଦ କଂସ ପାଖେ ଆସି ହାଜର । କଂସ ରାକ୍ଷସ ହେଲେ ବି ନାରଦଙ୍କୁ ଯଥାଯୋଗ୍ୟ ସମ୍ମାନ ଦେଇ ଅତିଥି ସତ୍କାର କରି ଅସମୟରେ ଆସିବାର କାରଣ ପୁଚ୍ଛାକାଲେ । ନାରଦ କହିଲେ – ଆରେ କଂସ! ମୁଁ ଆପଣଙ୍କର ଅତି ଶୁଭଚିନ୍ତକ ବୋଲି ସବୁ କାମଦାମ ଛାଡି ସ୍ୱର୍ଗରୁ ସିଧାସିଧା ଏଠିକି ଆସିଛି। ଆପଣଙ୍କୁ ମାରିବା ପାଇଁ ଦେବତାମାନେ ପରା କୂଟ ଆରମ୍ଭ କରିଦେଇଛନ୍ତି । ସେମାନେ ବିଭିନ୍ନ ରୂପରେ ବର୍ତ୍ତମାନ ଗୋପ ଆଉ ମଥୁରାରେ ଜନ୍ମ ନେଇ ସାରିଲେଣି । ଏ କଥା ମୋତେ ଅସହ୍ୟ ହେଲା । ଆପଣଙ୍କ ମୃତ୍ୟୁ କଥା ଶୁଣି ଦେଖ ମୋ ଆଖିରୁ କେମିତି ଲୁହ ବାହାରୁଚି । ଅଭିନୟର ଗୁରୁ ଶ୍ରୀନାରଦ ସଙ୍ଗେ ସଙ୍ଗେ ନିଜ ଆଖିରୁ ଦି ଟୋପା ଲୁହ ବି ଗଡ଼ାଇଦେଲେ । ଏହାକୁ ଭାଗବତକାର ଲେଖିଲେ –

ତୋ ଦୁଃଖ ଦେଖି ମୁଁ ବିକଳ । ଦେଖ ନୟନେ ଅଶ୍ରୁଜଳ ।

ନାରଦଙ୍କ ଆଖିରେ ଏ ଅଭିନୟଯୁକ୍ତ ଲୁହ ଦେଖି କଂସ ଠୋ ଠୋ ହୋଇ ହସିଉଠିଲା । କହିଲା, ବୁଝିଲ ନାରଦେ ! ତୁମର ମୋ ପ୍ରତି ଏତେ ଭଲ ପାଇବା ଅଛି ବୋଲି ମୁଁ ଜାଣି ନ ଥିଲି । ତଥାପି ତୁମେ ଚିନ୍ତା କରନାହିଁ । ଦେବକୀର ଅଷ୍ଟମ ଗର୍ଭକୁ ମୁଁ ଏଇଠି ଶେଷ କରିଦେବା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରିଦେଇଛି । ଆଜି ଦେବକୀର ପ୍ରଥମ ପୁତ୍ର ସନ୍ତାନଟି ଜନ୍ମ ନେଇଛି । ବସୁଦେବ ତାକୁ ଧରି ମୋ ପାଖକୁ ଆସିଥିଲା । ତାକୁ ଦେଖି ମୁଁ ଛାଡି ଦେଇଛି । ହିସାବ ଠିକ୍ ରଖିବା ପାଇଁ ଦେଖ ଏ କାନ୍ଥରେ ଗୋଟିଏ ଗାର ମଧ୍ୟ ଟାଣି ଦେଇଛି ।

ନାରଦ ଚର୍କିନା କହିଲେ, ମହୋଦୟ ଏଇଠି ହିଁ ଭୁଲ୍ ହୋଇଗଲା ତୁମର । କଂସ ଆଶ୍ଚର୍ଯ୍ୟ ହୋଇ ଚାହିଁବାରୁ ନାରଦ ହସି ହସି କହିଲେ ହେ କଂସ ! ତୁମେ ତ ଦେବତାମାନଙ୍କ କୂଟବୁଦ୍ଧି କଥା ଜାଣିଛ । ସେମାନେ ଅସମ୍ଭବକୁ ସମ୍ଭବ ଏବଂ ସମ୍ଭବକୁ ଅସମ୍ଭବ ବି କରିପାରନ୍ତି । ଦେବକୀର ସେଇ ପ୍ରଥମ ଗର୍ଭଟି ଯେ ଅଷ୍ଟମ ଗର୍ଭ ନ ହୋଇପାରିବ ଏହାର କିଛି ଗ୍ୟାରେଣ୍ଟି ନାହିଁ ।

ନାରଦଙ୍କ କଥାକୁ କଂସ ଆଦୌ ବୁଝିପାରିଲା ନାହିଁ । ସେ ଭୟଯୁକ୍ତ ବିସ୍ମୟରେ ନାରଦଙ୍କ ମୁହଁକୁ ଚାହିଁବାରୁ ନାରଦ ନିଜ ଆସନରୁ ଉଠି କଂସ ଦ୍ୱାରା କାନ୍ଥରେ ଟଣା ଯାଇଥିବା ଗାର ପାଖକୁ ଲାଗି ଆଉ ସାତଟି ଗାର ଟାଣି ବାମରୁ ଡାହାଣକୁ ଗଣିବାକୁ କଂସକୁ କହିଲେ । ଏକ, ଦୁଇ, ତିନି..... ସାତ, ଆଠ – ଏମିତି ଗଣିଲା କଂସ । ନାରଦ ପୁଣି ଡାହାଣରୁ ବାମକୁ ଗଣିବାକୁ କହିଲେ । କଂସ ସେୟା କଲା । ଏକ, ଦୁଇ, ତିନି... ସାତ ଓ ଆଠ । ପ୍ରଥମେ ଯାହା ଥିଲା ଏକ, ଏବେ ତାହା ହେଲା ଆଠ । ନାରଦ ବୁଝେଇଦେଲେ, ବୁଝିଲ କଂସବାବୁ! ସଂଖ୍ୟା ଗଣିତରେ ଏକ ଆଠ ହୋଇଯାଇପାରେ ଏବଂ ଆଠ ବି ଏକ ହୋଇପାରେ । ଦେବତାଙ୍କ ପାଇଁ କିଛି ବି ଅସମ୍ଭବ ନୁହେଁ । ବାସ୍, ଏତିକିରେ କଂସ ମୁଣ୍ଡରେ ଭୂତ ପଶିଗଲା । ନାରଦ ଯିବା ପରେ ଦେବକୀର ପ୍ରଥମ ଗର୍ଭ ସନ୍ତାନକୁ ମାରିଦେଲା । ପରକୁ ପର ସେ କ୍ରିୟା ବି ଚାଲୁ ରହିଲା ।

ଏବେ ଆମେ ଆଲୋଚନାକୁ ଯେଉଁଠି ଛାଡିଥିଲେ ସେଠିକି ଯିବା । ଶ୍ରୀକୃଷ୍ଣ – ବଳରାମ ଗୁରୁ ଦକ୍ଷିଣା କଥା ଉଠାଇବାରୁ ଗୁରୁ ସନ୍ଦୀପନି ଆଦୌ ରାଜି ହେଲେନି । କହିଲେ – ତୁମ ପରି ଦୁଇଜଣଙ୍କୁ ପାଇ ମୋ ଗୁରୁଗିରି ଧନ୍ୟ ହୋଇଯାଇଛି । ସ୍ୱୟଂ ଭଗବାନ୍‌ଙ୍କର ଯିଏ ଗୁରୁ ହେଲା ତା'ର ଆଉ ଦକ୍ଷିଣା ଲୋଡ଼ା ନାହିଁ । ଶ୍ରୀକୃଷ୍ଣ ଯେତେ ଅନୁରୋଧ କଲେ ବି ଗୁରୁଙ୍କର ହର୍ଗାଜ ନାଇଁ । ( ବାକି ଆର ଥରକୁ...)

–ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ, ରାମନଗର,
ତେଲେଙ୍ଗାପେଣ୍ଠ, କଟକ ମୋ :୯୪୩୭୨୯୨୬୯୯

## ପୁସ୍ତକ ସମୀକ୍ଷା

### ପହିଲି ପୁଲକ

ଲେଖିକା– ମଞ୍ଜୁଲତା ସିଂହ
ପ୍ରକାଶକ– କୋଠଘର ଆମ ସାହିତ୍ୟ ପରିବାର
ଭୁବନେଶ୍ୱର, ମୂଲ୍ୟ–୧୨୦ଟଙ୍କା

'**ପ**ହିଲି ପୁଲକ' ଲେଖିକା ମଞ୍ଜୁଲତା ସିଂହଙ୍କର ପ୍ରଥମ କବିତା ପୁସ୍ତକ। ଏଥିରେ ୪୮ଟି କବିତା ସ୍ଥାନ ପାଇଛି। ପ୍ରଥମ କବିତା ଈଶ୍ୱରଙ୍କ ପାଖରୁ ଆରମ୍ଭ ହୋଇ ନୂଆ ଏକ ସକାଳରେ ଶେଷ ହୋଇଛି । ପ୍ରକାଶିତ ଲେଖାଗୁଡିକ ସାମାଜିକ ମୂଲ୍ୟବୋଧର ବାର୍ତ୍ତା ବହନ କରେ । ଦି'ଦିନ ଅତିଥି ସଭିଏଁ ମୋ ପାଇଁ/ ଆସନ୍ତି ଯାଆନ୍ତି କେତେ/ ମନ ଆଇନାରୁ ବିମ୍ବିତ ଛବି/ ଲିଭି ଲିଭି ଯାଏ ଯେତେ/ ତୁମେ ତ ଏମିତି ନୀଳ ରାତି ମୋହ/ ଭୁଲି ମୁଁ ନ ପାରି ଆଜି/ ପାନ୍ଥଶାଳା ମୁଁ ନୀରବେ କାନ୍ଦୁଛି / ତୁମ ସ୍ମୃତିଧାରେ ଭିଜି। (ପାନ୍ଥଶାଳା–୨୬) । ମଣିଷ ଜୀବନକୁ କିଭଳି ଗୋଟେ ଅତିଥି ଭାବେ ତୁଳନା କରାଯାଇଛି, ତା'ର ସୁନ୍ଦର ଉପସ୍ଥାପନା ଏ କବିତାରେ ବର୍ଣ୍ଣନା କରାଯାଇଛି। ସେହିଭଳି ପକ୍ଷୀ ପଢନ୍ତୁ କିମ୍ବା ଲୁହ ପଢନ୍ତୁ ତାହା ନିଶ୍ଚୟ ନିଆରା ଲାଗିବ। ପୁସ୍ତକଟି ପାଠକାଦୃତି ଲାଭ କରିବ ବୋଲି ଆଶା।





### ଗୀତାଞ୍ଜଳି

#### ରବୀନ୍ଦ୍ରନାଥଙ୍କ ପ୍ରେମ ଓ ସମର୍ପଣ ସଂଗୀତ

ଧରଣୀଧର ତ୍ରିପାଠୀ, ପ୍ରକାଶକ– ବିଦ୍ୟା ପବ୍ଲିଶିଙ୍ଗ, ଟରୋଣ୍ଟୋ, କାନାଡା, ମୂଲ୍ୟ– ୩୩୦ଟଙ୍କା


**ବି**ଶ୍ୱକବି ରବୀନ୍ଦ୍ରନାଥ ଟଗୋରଙ୍କ କିଛି ସଙ୍ଗୀତ ଆଉ କବିତାର ଅନୁବାଦ ଏଇ ପୁସ୍ତକରେ ସ୍ଥାନ ପାଇଛି । ବହୁ କବିତା ମୂଳ ଗୀତାଞ୍ଜଳିରୁ ଅନୁବାଦ ହୋଇଛି । ଏଥିରେ ୧୫୨ଟି କବିତା ସ୍ଥାନ ପାଇଛି । ଟାଗୋରଙ୍କ କବିତାରେ ଭାବ, ଆବେଗ, ପ୍ରେମ ଆଉ ସମର୍ପଣର ପରିଭାଷା ଜୀବନ୍ତ ହୋଇ କବିତାଗୁଡିକରେ ଫୁଟି ଉଠିଛି । କବିତାଗୁଡିକ ମନୁଷ୍ୟକୁ ଏକ ନୂତନ ଚେତନାରସ୍ତରରେ ପହଞ୍ଚାଇ ଦିଏ । କେତେବେଳେ କବି ଚତୁର୍ଦ୍ଦିଗରେ ବ୍ୟାପ୍ତ ନିରାକାର ଈଶ୍ୱରଙ୍କୁ ନିଜର ଭାଇ ବନ୍ଧୁ ମାତା ସଖା ସଖୀ ପ୍ରେମିକ ପ୍ରେମିକା ରୂପରେ ଦେଖିଛନ୍ତି। ଆଉ କେତେବେଳେ ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟରେ ବିଭୋର ହୋଇ ସ୍ରଷ୍ଟାଙ୍କୁ କବିତା ମାଧ୍ୟମରେ ବନ୍ଦନା କରିଛନ୍ତି । ଅନୁବାଦକ ତ୍ରିପାଠୀ ମୂଳ ବଙ୍ଗଳାରୁ ଚମତ୍କାର ଅନୁବାଦ କରି ପାଠକଙ୍କୁ ଭେଟି ଦେଇଛନ୍ତି। ଏହା ଏକ ସୁନ୍ଦର ପୁସ୍ତକ ଏଥିରେ ସନ୍ଦେହ ନାହିଁ।




### ମହାମିଳନ

ନିତ୍ୟାନନ୍ଦ ପଣ୍ଡା
ପ୍ରକାଶକ– ଦିବ୍ୟଦୂତ ପ୍ରକାଶନୀ
ରାଜାବଗିଚା, କଟକ–୯, ମୂଲ୍ୟ– ୧୮୦ଟଙ୍କା

**ମ**ହାମିଳନ ଏକ କ୍ଲାସିକ୍ ଉପନ୍ୟାସ। ଏହା ଶ୍ରୀମଦ୍‌ଭାଗବତର ତଥ୍ୟ ଉପରେ ଆଧାରିତ। ଶ୍ରୀରାଧା ହେଉଛନ୍ତି ଉପନ୍ୟାସର ମୁଖ୍ୟ ଚରିତ୍ର। କୃଷ୍ଣଙ୍କ ସହିତ ପୁନଃ ମିଳିତ ହେବାର ଯେଉଁ ଉଦ୍‌ବେଗ ଓ ଏଥିରେ ସଂଘଟିତ ରହସ୍ୟମୟ ଘଟଣାମାନ ଉପନ୍ୟାସର ପ୍ରାଣ। ଗୋକୁଳ, ବୃନ୍ଦାବନ, ମଥୁରା ଏବଂ ଦ୍ୱାରକା ଏହିସବୁ ସ୍ଥାନ ବାହାରେ ମଝାମଝି ଏକ ସ୍ଥାନ କୁରୁକ୍ଷେତ୍ର। ଉପନ୍ୟାସର ସମସ୍ତ ଘଟଣା କୁରୁକ୍ଷେତ୍ର ଉପରେ ସଂଘଠିତ। ଏହା କୁରୁକ୍ଷେତ୍ର ଯୁଦ୍ଧ ପୂର୍ବର ଘଟଣା । କେତେକ ମନେ କରିପାରନ୍ତି ଏ ଘଟଣା ମହାଭାରତରେ ଘଟି ନାହିଁ। କିନ୍ତୁ ପୁସ୍ତକର ଲେଖକ ଶ୍ରୀମଦ୍‌ଭାଗବତ ଖୋଜିଲେ ଏହା ପାଇବେ ବୋଲି ମୁଖବନ୍ଧ ପ୍ରବେଶରେ ଉଲ୍ଲେଖ କରିଛନ୍ତି। ଏ କ୍ଲାସିକ୍ ଉପନ୍ୟାସ ପଢିଲେ ନିଶ୍ଚୟ ମନ ନିତ୍ୟ ଆନନ୍ଦରେ ଭରି ଉଠିବ ଏଥିରେ ସନ୍ଦେହ ନାହିଁ।



ବ୍ୟାକ୍ ପେଜ୍



# ଫୋଲ୍ଡ ହେଇପାରୁଥିବା ବାଇକ

ଯଦି ଆପଣ କାର୍‌ରେ ବୁଲିବାକୁ ଯାଇଛନ୍ତି। ହେଲେ ସେହି ସ୍ଥାନର ପରିବେଶ ଏତେ ସୁନ୍ଦର ଓ ଆକର୍ଷକ ହୋଇଥାଏ ଯେ, ଇଛା ହୁଏ କାର୍‌ରେ ନୁହେଁ କିଛି ସମୟ ବାଇକ୍‌ରେ ବୁଲି ହୁଅନ୍ତା କି ? ବହୁତ ଭଲ ଲାଗନ୍ତା। ଏମିତିରେ ଏହି ବାଇକ୍ ଭଲ କାମ ଦେବ। କାରଣ ଏହି ବାଇକ୍‌କୁ ଆପଣ କାର୍ ଡିକି ଭିତରେ ଫୋଲ୍ଡ କରି ରଖିପାରିବେ। କାରଣ ଏହା ଏକ ଫୋଲ୍ଡେବଲ୍ ବାଇକ୍। 'ସ୍ୱିଚ' ନାମକ ବାଇକ୍ କମ୍ପାନୀ ଉକ୍ତ ଫୋଲ୍ଡେବଲ ବାଇକ ତିଆରି କରିଛି। ଯାହାର ନାଁ ହେଉଛି ଲାଇଟ୍ ଏକ୍ସଇ। ଏହା ଏକ ଇଲେକ୍ଟ୍ରିକ୍ ବାଇକ୍। ଯାହାର ମୂଲ୍ୟ ୭୪,୯୯୯ ଟଙ୍କାରୁ ଆରମ୍ଭ। ପାଞ୍ଚୋଟି ରଙ୍ଗରେ ଏହା ଉପଲବ୍ଧ ହୁଏ। ଏହା ଆଡଜେଷ୍ଟବଲ୍ ହ୍ୟାଣ୍ଡଲବାର୍, ସିଟ୍ ଓ ସସ୍ପେନ୍‌ସନ୍ ସହ ଆସିଥାଏ। ଏହାକୁ ଏୟାରକ୍ରାଫ୍ଟ ଗ୍ରେଡ୍ ଆଲୁମିନିୟମ୍ ୬୦୬୧ ଫ୍ରେମ୍‌ରେ ତିଆରି କରାଯାଇଛି, ଯାହାକି ବାଇକ୍‌କୁ ହାଲ୍‌କା କିନ୍ତୁ ମଜଭୁତ କରିଥାଏ। ଏହି ବାଇକ୍ ଚଳାଇ ଦିଲୀପ ରେଡ୍‌ଡି ଓ ପୁନୀତ ରେଡ୍ଡି ନାମକ ଦୁଇଜଣ ବ୍ୟକ୍ତି କର୍ନାଟକ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶକୁ ୧୨ ଘଣ୍ଟାରେ କଭର୍ କରିଥିଲେ।

# ଟି' କପ୍‌ରେ ବଗିଚା

ଘର ଆଗରେ ଏକ ସୁନ୍ଦର ବଗିଚା ସମସ୍ତେ ଚାହାନ୍ତି। ଏହା ଯେ, କେବଳ ଘରର ଶୋଭା ବଢିଥାଏ ତାହା ନୁହେଁ ସୁସ୍ଥ, ଏହାଦ୍ୱାରା ସତେଜ ବାତାବରଣ ବି ମିଳିଥାଏ। ହେଲେ କିଛି ଲୋକଙ୍କ ଘରେ ଯଥେଷ୍ଟ ଜାଗା ନ ଥାଏ ସୁନ୍ଦର ବଗିଚାଟିଏ କରିବା ପାଇଁ। ତେଣୁ ସେମାନଙ୍କ ମନ ଏଥିପାଇଁ ସବୁବେଳେ ଦୁଃଖରେ ଥାଏ। ତେବେ ମହେମିନା ଫୈଜ୍ ନାମ୍ନୀ ଜଣେ କ୍ରାଫ୍ଟହୋଲିକ୍ ବଗିଚାର ସଂଜ୍ଞା ବଦଳାଇ ଦେଇଛନ୍ତି। ତାଙ୍କ ମତରେ କେବଳ ଯେ ବଡ଼ ଜାଗା ଥିଲେ ବଗିଚା ହୋଇପାରିବ ତାହା ନୁହେଁ। ଚାହିଁଲେ ଜଣେ ଛୋଟରୁ ଅତି ଛୋଟ ସ୍ଥାନରେ ବି ସୁନ୍ଦର ବଗିଚା କରିପାରିବେ। ଏହାର ପ୍ରମାଣସ୍ୱରୂପ ସେ ଛୋଟିଆ ଚା' କପ୍‌ରେ ଆକର୍ଷକ ବଗିଚା ତିଆରି କରିଛନ୍ତି। ଆଉ ସେଗୁଡିକ ଏତେ ସୁନ୍ଦର ଯେ, ତା' ଉପରୁ ନଜର ଆଦୌ ହଟିବ ନାହିଁ। ଏଥିପାଇଁ ସେ କାକ୍‌ଟସ୍, ସକ୍ୟୁଲେଣ୍ଟ (ମୋଟା ପତ୍ର ଥିବା କାକଟସ୍ ଭଳି ପ୍ଲାଣ୍ଟ) ଓ କିଛି ୱାଲ୍ ପ୍ଲାଣ୍ଟ ବ୍ୟବହାର କରିଥାଆନ୍ତି। ଯଦ୍ୱାରା କି ଉକ୍ତ ବଗିଚା ପାଇଁ ବହୁତ କମ୍ ପାଣି ଓ ଯତ୍ନର ଆବଶ୍ୟକ ହୁଏ। ତାଙ୍କର ଏହି ଟି' କପ୍ ଗାର୍ଡେନ୍‌କୁ ସୋସିଆଲ୍ ମିଡିଆରେ ବହୁତ ପସନ୍ଦ କରାଯାଉଛି।







# ଡିଭୋର୍ସ ମେହେନ୍ଦୀ

ବାହାଘରେ ଭାବି ସ୍ୱାମୀଙ୍କ ନାମର ମେହେନ୍ଦୀ କନିଆ ହାତରେ ସାଜେ। ଆଉ ବେଶ୍ ସୁନ୍ଦର ଦିଶେ କନିଆର ଦୁଇ ହାତ। ଖାଲି ହାତ ନୁହେଁ ଗୋଡରେ ବି ଲଗାଯାଏ ମେହେନ୍ଦୀ। ଏହି ମେହେନ୍ଦୀକୁ ଶୁଭଙ୍କର ବୋଲି ବିଶ୍ୱାସ କରାଯାଏ। ହେଲେ ଜାଣନ୍ତି କି ଏବେ ଏକ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି। ସେ ହେଉଛି ବିବାହ ବିଚ୍ଛେଦର ମେହେନ୍ଦୀ। ଆଶ୍ଚର୍ଯ୍ୟ ଲାଗିଲେ ବି ଏଭଳି ମେହେନ୍ଦୀ ହାତରେ କରି ଏବେ ଜଣେ ମହିଳା ବେଶ୍ ଚର୍ଚ୍ଚାରେ ଅଛନ୍ତି। ଉର୍ବଶୀ ବୋରା ଶର୍ମା ନାମ୍ନୀ ଏହି ମହିଳା ଜଣକ ଶାଶୁଘରେ କିଭଳି ଅତ୍ୟାଚାରିତ ହୋଇଛନ୍ତି, କିଭଳି ତାଙ୍କ ସହ ଚାକର ଭଳି ବ୍ୟବହାର ହୋଇଛି, ଏକାକୀପଣ ତାଙ୍କୁ କିଭଳି ଭିତରୁ ଖାଉଥିଲା, ପରସ୍ପର ଭିତରର ବୁଝାମଣାର ଅଭାବ ଯୋଗୁ ସେ କେତେ ଚାପଗ୍ରସ୍ତ ରହୁଥିଲେ, ସ୍ୱାମୀ କେମିତି ତାଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରୁ ନ ଥିଲେ ସବୁକିଛିର ବର୍ଣ୍ଣନା କରାଯାଇଥିଲା ଏହି ମେହେନ୍ଦୀରେ। ଏହି ପୋଷ୍ଟକୁ ନେଇ କେହି କେହି ପ୍ରଶଂସା କରୁଥିବାବେଳେ ଆଉ କେହି କେହି ଆଉ ଏକ ଖରାପ ଟ୍ରେଣ୍ଡର ଆରମ୍ଭ ବୋଲି ବି କହିଛନ୍ତି।

